ବର୍ଷ-୨୫, ସଂଖ୍ୟା-୨୯୨
ଭୁବନେଶ୍ୱର
୦୪, ନଭେମ୍ବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 292
Bhubaneswar
04, November, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ରାମ ଚରଣଙ୍କ ପେଡ୍ଡିରେ ଜାହ୍ନବୀ, ଫାଷ୍ଟ ଲୁକ୍ ଜାରି କଲେ ଫିଲ୍ମ ନିର୍ମାତା

# ଦୁଇ ବଡ଼ ଦୁର୍ଘଟଣାରେ ଗଲା ୪୩ ଜୀବନ





**ହାଇଦ୍ରାବାଦ/ଜୟପୁର,୦୩।୧୧(ମହାଭାରତ):** ଗତ ସପ୍ତାହ ଧରି ଦେଶବ୍ୟାପୀ ଭୟଙ୍କର ଦୁର୍ଘଟଣାମାନ ଘଟୁଥିବା ପରିଲକ୍ଷିତ ହେଉଛି। ବେପରୁଆ ଗାଡ଼ି ଚାଳନା ଯୋଗୁଁ ନିରୀହ ଜୀବନ ଯାଉଛି। ଆଜି ତେଲେଙ୍ଗାନା ଓ ରାଜସ୍ଥାନରେ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪୩ ଜଣଙ୍କର ଜୀବନ ଚାଲିଯାଇଛି। ତେଲଙ୍ଗାନା ରଙ୍ଗାରେଡ୍ଡୀ ଜିଲ୍ଲା ମିର୍ଜାପୁରରେ ବସ୍-ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ରାଜସ୍ଥାନରେ ମଦ୍ୟପ ଡମ୍ଫର ଡ୍ରାଇଭର ସିରିଜ ଦୁର୍ଘଟଣା ଘଟାଇବାରୁ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି।

ତେଲଙ୍ଗାନା ରଙ୍ଗାରେଡ୍ଡୀ ଜିଲ୍ଲା ମିର୍ଜାପୁରରେ ସକାଳୁ ସକାଳୁ ଭୀଷଣ ସଡ଼କ ଦୁର୍ଘଟଣା ହୋଇଛି। ବସ୍-ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨୪ ଜଣଙ୍କର ମୃତ୍ୟୁ ହୋଇଛି। ୧୮ରୁ ଅଧିକ ଆହତ ହୋଇଛନ୍ତି । ୭୦ ଯାତ୍ରୀଙ୍କୁ ନେଇ ତନ୍ଦୁର ଡିପୋର୍ ବସ୍‌ଟି ହାଇଦ୍ରାବାଦ ଯାଉଥିଲା । ବୀପରିତ ଦିଗରୁ ଆସୁଥିବା ଗୋଡ଼ି ବୋଝେଇ ଡମ୍ଫର ଟ୍ରକ୍ ସହ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଯେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି । ବସ୍‌ରେ ଅଧିକାଂଶ ଲୋକ ଅଫିସ୍ ଯାଉଥିବାବେଳେ ସେମାନଙ୍କ ମୃତ୍ୟୁ ହୋଇଛି । ଟ୍ରକ୍ ଡ୍ରାଇଭରଙ୍କ ଭୁଲ ପାଇଁ ଦୁର୍ଘଟଣା ଘଟିଥିବା ପ୍ରାରମ୍ଭିକ ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସା ପାଇଁ ଚେଭେଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଚେଭେଲା ନିକଟରେ ଡମ୍ଫରଟି ତେଲେଙ୍ଗାନା ସଡ଼କ ପରିବହନ ନିଗମ ବସ୍ ସହିତ ଧକ୍କା ହୋଇଥିଲା । ଫଳରେ ବସ୍ ଉପରେ ଗୋଡ଼ି ବୋଝେଇ ଟ୍ରକ ଓଲଟି ପଡ଼ିଥିଲା । ଲୋକମାନେ ଚାପି ହୋଇଯାଇଥିଲେ ଘଟଣା ସମ୍ପର୍କରେ ପୁଲିସ୍ କହିଛି ଯେ, ରଙ୍ଗାରେଡ୍ଡୀ ଜିଲ୍ଲାର ଚେଭେଲା ଥାନା ଅନ୍ତର୍ଗତ ଖାନପୁର ଗେଟ୍ ନିକଟରେ ବସ୍ ଏବଂ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟିଛି । ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ଦୁର୍ଘଟଣା ସ୍ଥଳରେ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା । ଯାତ୍ରୀମାନେ ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ ଏବଂ ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରିବାକୁ ଧାଇଁ ଆସିଥିଲେ । ଭୁଲ ପାର୍ଶ୍ୱରୁ ଆସୁଥିବା ଟ୍ରକ୍ ବସ୍ ?କୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଛି । ଫସି ରହିଥିବା ଲୋକଙ୍କୁ ବାହାର କରିବା ପାଇଁ ୩ଟି ଜେସିବି ଏକ୍ସକାଭେଟର ବ୍ୟବହାର କରି ଉଦ୍ଧାରକାର୍ଯ୍ୟ କରାଯାଇଥିଲା ।ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ । ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ ପଦକ୍ଷେପ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ କେ ରାମକୃଷ୍ଣ ରାଓ ଏବଂ ପୁଲିସ ମହାନିର୍ଦ୍ଦେଶକ ବି ଶିବଧର ରେଡ୍ଡୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆହତଙ୍କ ଉନ୍ନତ ଚିକିତ୍ସା ପାଇଁ ହାଇଦ୍ରାବାଦ ସ୍ଥାନାନ୍ତର କରିବାକୁ ଅଧିକାରୀମାନଙ୍କୁ କରିଛନ୍ତି ।ଅନ୍ୟଏକ ଘଟଣାକ୍ରମେ ରାଜସ୍ଥାନର ଜୟପୁରରେ ମଦ୍ୟପ ଡମ୍ଫର ଡ୍ରାଇଭର ସିରିଜ ଦୁର୍ଘଟଣା ଘଟାଇବା ଯୋଗୁଁ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି । ମଦ୍ୟପ ଡ୍ରାଇଭର ଜଣକ ସାମ୍ନାରେ ଯାହାକୁ ପାଇଲା, ତାକୁ ଦଳିବାକୁ ପଛାଇଲା ନାହିଁ। ଡମ୍ଫର ଏକାଧିକ ଗାଡ଼ିକୁ ଦୀର୍ଘ କିମି ଯାଏ ଘୋଷାଡ଼ି ନେବା ଭଳି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ୫୦ ଜଣଙ୍କୁ ପ୍ରାଥମିକ ଅବସ୍ଥାରେ ଡମ୍ଫର ଚକା ତଳୁ ବାହାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ମଦପ୍ୟ ଡ୍ରାଇଭର ୫ କିମି ଯାଏ ଏକାଧିକ ଗାଡ଼ିକୁ ଧକ୍କା ଦେଇ ଘୋଷାଡ଼ି ଘୋଷାଡ଼ି ନେବା ପରେ ଅଟକି ଥିଲା ବୋଲି ମଧ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାଥମିକ ସୂଚନା ଅନୁସାରେ, ଦ୍ରୁତଗାମୀ ଡମ୍ଫରଟି ପ୍ରଥମେ ଲୋହାମଣ୍ଡି ରାସ୍ତାରେ ନିୟନ୍ତ୍ରଣ ହରାଇଥିଲା ଏହାପରେ ସାମ୍ନାରେ ଯାହାକୁ ପାଇଲା, ତା ଉପରେ ଚଢ଼ିବା ଆରମ୍ଭ କରିଥିଲା। ବିପରୀତ ଦିଗରୁ ଆସିଥିବା ଗାଡ଼ିଗୁଡ଼ିକ ଉପରେ ମଧ୍ୟ ଡମ୍ଫର ମାଡି ଯାଇଥିଲା। ଡମ୍ଫରଟି ଏକାଧିକ କାର, ବାଇକ ଓ ସାଧାରଣ ଲୋକଙ୍କ ଧକ୍କା ଦେଇଛି। କିଛି ଗାଡ଼ିକୁ ଡମ୍ଫର ଡ୍ରାଇଭର ୫ କିମି ଯାଏ ଘୋଷାଡ଼ି ମଧ୍ୟ ନେଇଯାଇଥିଲା।

# ସାର୍ପସୁଟର ଗିରଫ

**ବ୍ରହ୍ମପୁର,୩।୧୧(ମହାଭାରତ):** ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସକୁ ବଡ ସଫଳତା ମିଳିଛି। ଫେରାର ସାର୍ପସୁଟର୍ କୁରୁପତି ଭୂୟାଁ ଓ ଅନ୍ୟତମ ଅଭିଯୁକ୍ତ ଉମା ବିଷୋୟୀକୁ ଧରି ଏକ ଅଜଣା ସ୍ଥାନରେ ପୁଲିସ ପଚରାଉଚରା କରୁଥିବା ଜଣାଯାଇଛି। ବିହାରୀ ସାର୍ପସୁଟର୍ ପୀତବାସଙ୍କୁ ହତ୍ୟା କରିଥା'ନ୍ତେ। ହେଲେ ସେମାନଙ୍କ ମଧ୍ୟରୁ ଜଣଙ୍କ ପତ୍ନୀଙ୍କ ଗର୍ଭନଷ୍ଟ ହୋଇଯିବାରୁ ସେମାନେ ହତ୍ୟା ନ କରି ଫେରି ଯାଇଥିଲେ। ଫଳରେ ଉମା ନିଜ ଗାଁ କୁକୁଡାଖଣ୍ଡି ବ୍ଲକ୍ ବନ୍ଥପଲ୍ଲୀରୁ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ଡକାଇଥିଲା। ବେଙ୍ଗାଲୁରୁରୁ ଚିଣ୍ଟୁ ବସ୍ ଯୋଗେ ଆସି ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲା ବେଳେ କୁରୁପତି ବନ୍ଥପଲ୍ଲୀରୁ ଆସି ପହଞ୍ଚିଥିଲା। ଯୋଗୀ ଓ ଉମା ସେମାନଙ୍କୁ ପୀତବାସଙ୍କ ଘର ପାଖରେ ମେସ୍ କରି ରହିବା ପାଇଁ ଉଦ୍ଦିଷ୍ଟ ଭଡାଘରେ ରଖାଇଥିଲେ।

ଅକ୍ଟୋବର ୬ ତାରିଖ ରାତି ୧୦ଟା ବେଳେ ଚିଣ୍ଟୁ ଓ କୁରୁପତି ଏକ ବାଇକ୍‌ରେ ପୀତବାସଙ୍କ ଘର ପାଖ ବେକୁଣ୍ଠନଗର ପ୍ରଥମ ଗଳିରେ ଅପେକ୍ଷା କରିଥିଲେ। ପୀତବାସ ପହଞ୍ଚିବା କ୍ଷଣି କୁରୁପତି ତାଙ୍କୁ 'ପୀତବାସ ଆଜ୍ଞା କି.. ନମସ୍କାର' ବୋଲି କହିଥିଲେ। ପ୍ରତି ଉତ୍ତରରେ ପୀତବାସ 'କିଏ' ବୋଲି ପଚାରିବାରୁ କୁରୁପତି ତାଙ୍କ ଛାତିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା। ପୀତବାସ ତଳେ ପଡ଼ିଯିବା ପରେ ଉଭୟ ବାଇକ୍‌ରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସେମାନେ ମାଉସୀମା' ମନ୍ଦିର, ରେଡିଓ ଷ୍ଟେସନ୍, ଲୋଚାପଡା, ଗୁରୁଣ୍ଡି ଦେଇ ଯାଇ ଶୀତଳାପଲୀରେ ପହଞ୍ଚିବା ପରେ କପଡା, ହେଲମେଟ୍ ଓ ଜୋତା ବଦଳାଇବା ସହ ବ୍ୟବହୃତ ବନ୍ଧୁକକୁ ପୋତିଦେଲେ। ଗାଡି ନେଇ ପୁରୁଷୋତ୍ତମପୁର ଆଡ ଯାଇ ରାମେଶ୍ୱର ପାଖରେ ଏକ ଚା' ଦୋକାନରେ ଗାଡି ରଖି ବସ୍‌ରେ ପୁରୀ ପଳାଇଲେ। ପୁରୀରୁ ଚିଣ୍ଟୁ ଟ୍ରେନ୍‌ରେ ବେଙ୍ଗାଲୁରୁ ଓ କୁରୁପତି କୋରାପୁଟ ଜିଲ୍ଲାର ଜୟପୁରକୁ ଯାଇଥିଲା।



# ସୁଦାନରେ ଓଡ଼ିଆ ଯୁବକ ଅପହୃତ

**ଭୁବନେଶ୍ୱର,୩।୧୧ (ମହାଭାରତ):** ସୁଦାନରେ ଓଡ଼ିଶାର ଜଣେ ଯୁବକ ଅପହୃତ ହୋଇଛନ୍ତି। ଜଗତସିଂହପୁର ଜିଲା କୋଟକଣା ଗାଁର ଆଦର୍ଶ ବେହେରା (୩୬) ବିଦ୍ରୋହୀ ଗୋଷ୍ଠୀ ର୍ୟାପିଡ୍ ସପୋର୍ଟ ଫୋର୍ସ (ଆରଏସଏଫ) ଦ୍ୱାରା ଅପହୃତ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି। ଆଦର୍ଶ ୨୦୨୨ ଠାରୁ ସୁଦାନର ସୁକାରତି ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ କାମ କରୁଥିଲେ। ଅଲ ଫାଶିର ସହରରୁ ତାଙ୍କୁ ଅପହରଣ କରାଯାଇଛି। ଏକ ଭିଡିଓରେ ସେ ଦୁଇ ସଶସ୍ତ୍ର ସୈନିକଙ୍କ ମଝିରେ ବସି କହୁଛନ୍ତି, ଶାହରୁଖ ଖାନଙ୍କୁ ଜାଣନ୍ତି କି ଓ ଡାଗାଲୋ ଭଲ ବୋଲି କହିବାକୁ ବାଧ୍ୟ କରାଯାଇଛି। ଡାଗାଲୋ ହେଉଛନ୍ତି ଆରଏସଏଫର ନେତା। ଅନ୍ୟ ଏକ ଭିଡିଓରେ ସେ ଓଡ଼ିଶା ସରକାରଙ୍କୁ ଉଦ୍ଧାର ପାଇଁ ଅନୁରୋଧ କରିଛନ୍ତି। ସୁଦାନର ଗୃହଯୁଦ୍ଧରେ ଲକ୍ଷାଧିକ ଲୋକ ବିସ୍ଥାପିତ। ଆଦର୍ଶଙ୍କ ସ୍ତ୍ରୀ ସୁସ୍ମିତା ଓ ଦୁଇ ପୁଅ ସରକାରଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ସୁଦାନ ରାଷ୍ଟ୍ରଦୂତ କହିଛନ୍ତି, ଅଞ୍ଚଳରେ ଯୋଗାଯୋଗ ବନ୍ଦ ରହିଛି, ଶୀଘ୍ର ସୁରକ୍ଷିତ ଉଦ୍ଧାର ହେବାର ଆଶା ରହିଛି।

# ବ୍ୟବସାୟୀଙ୍କ ଠାରୁ ୫ଲକ୍ଷ ଲୁଟ୍

**ଜୟପୁର,୩।୧୧ (ମହାଭାରତ):** ମାରଣାସ୍ତ୍ର ଦେଖାଇ ବ୍ୟବସାୟୀଙ୍କଠୁ ୫ଲକ୍ଷ ଟଙ୍କା ଲୁଟିନେଲେ ମୁଖା ପିନ୍ଧା ଦୁର୍ବୃତ୍ତ। ସୋସିଆଲ ମିଡିଆରେ ଭାଇରାଲ ହେଉଛି ଲୁଟ୍ ସମୟର ଭିଜୁଆଲ। ହାତରେ ଖଣ୍ଡା ଧରି ଭୟଭୀତ କରି ରାସ୍ତା ମଝିରେ ଏକ ବ୍ୟବସାୟୀଙ୍କ କାରରୁ ଲୁଟ ହୋଇଛି। ଏହି ଘଟଣା କୋରାପୁଟ ଜିଲ୍ଲା କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ନିକଟରେ ଘଟିଛି। ବ୍ୟବସାୟୀ ଜଣକ କୋଟପାଡ ଅଂଚଳର ଦେବାଶିଷ ପଟ୍ଟନାୟକ। ଘଟଣାଟି ଦୁଇ ଦିନ ତଳର ବୋଲି ଜଣା ପଡିଛି। ୭,୮ ଜଣ ଲୁଟେରା ରାସ୍ତା ମଝିରେ ବ୍ୟବସାୟୀଙ୍କ କାର ଅଟକାଇ ଥିଲେ। ବ୍ୟବସାୟୀ ଗାଡ଼ି ଡୋର ନ ଖୋଲିବାରୁ କାର ଆଗ ଓ ପଛ ପଟ କାଚ ଭାଙ୍ଗିଥିଲେ ଦୁର୍ବୃତ୍ତ। ମାରଣାସ୍ତ୍ର ଦେଖାଇ ଟଙ୍କା ଏବଂ ମୋବାଇଲ ଲୁଟି ନେଇଯାଇଥିଲେ।

# ଓଡିଶାକୁ ମିଳିଲା ୪୪୪ କୋଟିର କେନ୍ଦ୍ରୀୟ ଅନୁଦାନ

## ସୁଦୃଢ ହେବ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୩।୧୧(ମହାଭାରତ):** ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଓଡିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ପାଇଁ କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଆକାରରେ ୪୪୪ କୋଟିରୁ ଅଧିକ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ।

ରାଜ୍ୟର ୨୦ଟି ଜିଲ୍ଲା ପଞ୍ଚାୟତ (ଜିଲ୍ଲା ପରିଷଦ), ୨୯୬ଟି ବ୍ଲକ ପଞ୍ଚାୟତ (ପଞ୍ଚାୟତ ସମିତି) ଏବଂ ୬,୭୩୪ଟି ଗ୍ରାମ ପଞ୍ଚାୟତକୁ ଦ୍ୱିତୀୟ କିସ୍ତିରେ ଅନୁଦାନ ଆକାରରେ ୩୪୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହା ସହିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ କିସ୍ତି ଅନୁଦାନର ସ୍ଥଗିତ ଅଂଶ ଆକାରରେ ୧୦୧ କୋଟି୭୮ ଲକ୍ଷ ୧୫ ହଜାର କୋଟି ଟଙ୍କା ଓଡିଶାକୁ ମିଳିଛି। ଏହା ୨୦ଟି ଜିଲ୍ଲା ପରିଷଦ, ୨୩୩ଟି ପଞ୍ଚାୟତ ସମିତି ଏବଂ ୬୪୯ଟି ଗ୍ରାମ ପଞ୍ଚାୟତକୁ ପ୍ରଦାନ କରାଯାଇଛ ।ଭାରତ ସରକାର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳ ଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଏବଂ ପରିମଳ ବିଭାଗ) ମାଧ୍ୟମରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ରାଜ୍ୟଗୁଡିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଥାନ୍ତି। ଅର୍ଥ ମନ୍ତ୍ରଣାଳୟ ପରବର୍ତ୍ତି ସମୟରେ ପ୍ରତି ଆର୍ଥିକ ବର୍ଷରେ ଦୁଇଟି କିସ୍ତିରେ ଏହି ଅନୁଦାନ ପ୍ରଦାନ କରିଥାଏ।

ଦରମା ଏବଂ ପ୍ରତିଷ୍ଠାନ ଖର୍ଚ୍ଚକୁ ବାଦ ଦେଇ ଏକାଦଶ ସୂଚୀରେ ତାଲିକାଭୁକ୍ତ ୨୯ ବିଷୟ ଅଧୀନରେ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଏହି ଅନଟାଏଡ ଗ୍ରାଣ୍ଟ ବା ମୁକ୍ତ ଅନୁଦାନକୁ ଖର୍ଚ୍ଚ କରିପାରିବେ । ଅନ୍ୟ ପକ୍ଷରେ ଟାଏଡ ଗ୍ରାଣ୍ଟ ବା ବନ୍ଧିତ ଅନୁଦାନକୁ ପରିମଳ, ବର୍ଜ୍ୟବସ୍ତୁପରିଚାଳନା ଏବଂ ଓଡଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ ଭଳି ଅତ୍ୟାବଶ୍ୟକ ସେବା ସହିତ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର କରାଯାଇଥାଏ ।

# ପୁଣି ଶ୍ରୀମୟୀଙ୍କ ବିସ୍ଫୋରଣ

**ଭୁବନେଶ୍ୱର,୩।୧୧ (ମହାଭାରତ):** ଧୃତରାଷ୍ଟ୍ର, ଭଣ୍ଡ ସନ୍ୟାସୀ, ଭୈରବ ଭଳି ଶବ୍ଦଗୁଡ଼ିକ ମାଧ୍ୟମରେ ବିଜେଡିର ସାଂଗଠନିକ ଭବିଷ୍ୟତ ଓ ଆଭ୍ୟନ୍ତରୀଣ ପରିଚାଳନାକୁ ପଦାରେ ପକାଇ ରାଜନୀତିକ ଝଡ଼ ସୃଷ୍ଟି କରିଥିବା ପୂର୍ବତନ ନେତ୍ରୀ ଶ୍ରୀମୟୀ ମିଶ୍ର ଆଜି ପୁଣିଥରେ ବିଜେଡିକୁ ଶବ୍ଦବାଣରେ ଘାଇଲା କରିଛନ୍ତି। ଟାଇଟାନିକ୍ ଜାହାଜ ସହ ବିଜେଡିର ତୁଳନା କରି ଏହାକୁ ବୁଡ଼ାଇବାକୁ ବିଶ୍ୱସ୍ତରୀୟ ଷଡ଼ଯନ୍ତ୍ର ଚାଲିଥିବା କହିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିର୍ବାଚନୀ ପ୍ରଚାର ପାଇଁ ନୂଆପଡ଼ା ଗସ୍ତରେ ଯିବାର ମାତ୍ର ଘଣ୍ଟାଏ ପୂର୍ବରୁ ଶ୍ରୀମୟୀ ନିଜର ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ବିଜେଡିରେ ସୁଜାତା କାର୍ତ୍ତିକେୟନଙ୍କ ରାଜନୀତିକ ଏଣ୍ଟ୍ରି ଓ ଦଳର ଉତ୍ତରାଧିକାରୀ ହାଇଜାକ୍ ପ୍ଲାନ୍ ନିମନ୍ତେ ଷଡ଼ଯନ୍ତ୍ର ହେଉଥିବା ଉଲ୍ଲେଖ କରିଛନ୍ତି।

ବିଜେଡିର ନିଲମ୍ବିତ ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ଆଜିର ସୋସିଆଲ ମିଡିଆ ପୋଷ୍ଟ ବିଜେଡିର ଆଭ୍ୟନ୍ତରୀଣ କନ୍ଦଳକୁ ଏକ ନୂଆ ମୋଡ଼ ଦେଇଛି। ସୁଜାତାଙ୍କୁ ଟାର୍ଗେଟ୍ କରି ଲେଖିଛନ୍ତି ଯେ, ଶକ୍ତିନାନୀ ଏବେ ବିଜେଡିରେ ମିଶି ରାଜ୍ୟସଭା ଯିବା ପାଇଁ ଶକ୍ତି ଗୋଟାଉଛନ୍ତି। ନିର୍ବାଚନ କମିଶନ ଯାହାଙ୍କ(ସୁଜାତା) ଶକ୍ତିରେ ବେଡ଼ି ପକାଇଥିଲେ, ଏବେ ସିଏ ନୂଆ ପରିଚୟ ଅପେକ୍ଷାରେ ରହିଛନ୍ତି। ନୂଆପଡ଼ାରେ ଯେଉଁଳି ଏପର୍ଯ୍ୟନ୍ତ ମାମୁଁଘର(ବିଜେଡି ପ୍ରାର୍ଥୀଙ୍କୁ) ମିଳୁନି ଠିକ୍ ସେମିତି କେନ୍ଦ୍ରାପଡ଼ାରେ ବାପଘର(ସୁଜାତାଙ୍କ ବାପଘର ) ଠିକଣା ଖୋଜିବାକୁ ନାନାଦି ଡ୍ରାମା ହେବ। କାରଣ ଜାମସେଦପୁର ପାଣିପବନରେ ଯିଏ ବଢ଼ିଛି ସେ ଓଡ଼ିଆଙ୍କ ସ୍ପନ୍ଦନ କଣ ବୁଝିବ ବୋଲି କହିଛନ୍ତି। ପୂର୍ବରୁ ଓଡ଼ିଶା ଲୋକେ ତାମିଲ ପୁଅ(ପାଣ୍ଡିଆନ)ଙ୍କୁ ତ ପ୍ରତ୍ୟାଖ୍ୟାନ କରିଥିଲେ, ଏବେ ତାମିଲ ପୁଅର ସ୍ତ୍ରୀକୁ କେତେ ଆଦର କରିବେ ବୋଲି ପ୍ରଶ୍ନ କରିଛନ୍ତି।

ବିଜେଡିର ବରିଷ୍ଠ ଓ ଅଭିଜ୍ଞ ନେତାମାନେ ଏବେ ନିଜର ପ୍ରଭାବ ହରାଇ ଅଣଓଡ଼ିଆ କ୍ଷମତାକେନ୍ଦ୍ରଙ୍କ ଇଙ୍ଗିତରେ ପରିଚାଳିତ ହେଉଥିବା ଚର୍ଚ୍ଚା ଉପରେ ମୋହର ଲଗାଇଛନ୍ତି ଶ୍ରୀମୟୀ। ସେ କଟାକ୍ଷ କରି କହିଛନ୍ତି ଯେ, ହସ୍ପିଟାଲରୁ ଭାଇରାଲ ହୋଇଥିବା ଏକ ଭିଡିଓରେ ଶକ୍ତିନାନୀଙ୍କ ଚଟଶାଳୀରେ ଦଳର କିଛି ବରିଷ୍ଠ ନେତା ଟ୍ୟୁସନ ହେଉଥିବାର ଦୃଶ୍ୟ (ନବୀନ ପଟ୍ଟନାୟକ ସମ୍ ହସ୍ପିଟାଲରେ ଚିକିତ୍ସା ସମୟରେ ସୁଜାତାଙ୍କ ସହ ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ପ୍ରଣବପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରତାପ ଜେନା ବସି କଥା ହେଉଥିବା) ରାଜ୍ୟବାସୀ ଦେଖିଥିଲେ। ଏବେ ଏହି ଚାଟୁକାର ନେତାମାନେ ଶକ୍ତିନାନୀଙ୍କୁ ଉତ୍ତରାଧିକାରୀ ମୁକୁଟ ପିନ୍ଧାଇବା ଯୋଜନାକୁ ନେଇ ଉତ୍ସାହିତ ବୋଲି ଶ୍ରୀମୟୀ କଟାକ୍ଷ କରିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟର 'ଜନତା ତାଙ୍କ ଉତ୍ତରାଧିକାରୀ ବାଛିବେ ବୋଲି କହିଥିଲେ। କିନ୍ତୁ ଏବେ ଶକ୍ତିନାନୀଙ୍କୁ ବିଜେଡିରେ ଏଂଟ୍ରି ଦେଇ ଉତ୍ତରାଧିକାରୀ ହାଇଜ୍ୟାକ୍ ପ୍ଲାନ୍ କରାଉଛି କିଏ ବୋଲି ଶ୍ରୀମୟୀ ପ୍ରଶ୍ନ 'କରିଛନ୍ତି। ଯେଉଁ କର୍ମୀମାନେ ବିଜେଡି ପାଇଁ ଦୀର୍ଘ ଦଶନ୍ଧି ଧରି ନିଜର ଶ୍ରମ ଓ ସମୟ ଦେଇଛନ୍ତି ଓ ଆଜି ମଧ୍ୟ ଉପନିର୍ବାଚନରେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି ସେମାନେ କଣ ଅଣଓଡ଼ିଆ ଦମ୍ପତି(ସୁଜାତା ଓ ତାଙ୍କ ସ୍ୱାମୀ)ଙ୍କ ନିର୍ଦ୍ଦେଶରେ ପରିଚାଳିତ ହେବେ ବୋଲି ଶ୍ରୀମୟୀ ପ୍ରଶ୍ନ କରି ଓଡ଼ିଆ ଅସ୍ମିତା, ଆଞ୍ଚଳିକ ସ୍ୱାଭିମାନ, ମାଟି ଓ ଭାଷାର ରାଜନୀତିକୁ ଚର୍ଚ୍ଚାରେ ରଖିବାକୁ ପ୍ରୟାସ କରିଛନ୍ତି।



## ବିଜେଡିକୁ ଟାଇଟାନିକ ସହ ତୁଳନା କଲେ

ବିଜେଡିକୁ ଟାଇଟାନିକ ଜାହାଜ ସହ ତୁଳନା କରି ଶ୍ରୀମୟୀ ଦଳର ଲକ୍ଷ ଲକ୍ଷ କର୍ମୀ ଓ ନେତାଙ୍କୁ ସଚେତନ କରାଇବାକୁ ପ୍ରୟାସ କରିଛନ୍ତି। ଟାଇଟାନିକ୍ ବିଶ୍ୱର ସବୁଠୁ ବଡ଼, ଅତ୍ୟାଧୁନିକ ଓ କେବେହେଲ ନବୁଡ଼ିବା ଭଳି ଜାହାଜ ଭାବେ ପରିଚିତ ଥିଲା। କିନ୍ତୁ କେବଳ ଗୋଟିଏ ଛୋଟ ବରଫଖଣ୍ଡ ସହ ଧକ୍କା ହେବାପରେ ତାହା ସବୁଦିନ ପାଇଁ ସମୁଦ୍ରରେ ଲୀନ ହୋଇଗଲା ଠିକ୍ ସେମିତି ବିଜେଡିର ଅବସ୍ଥା ବୋଲି ଶ୍ରୀମୟୀ ଦର୍ଶାଇବାକୁ ଚାହିଁଛନ୍ତି।

ଟାଇଟାନିକ୍ ଯେମିତି କେବେ ବୁଡ଼ିବ ନାହିଁ ବୋଲି ଭାବୁଥିଲା ଠିକ୍ ଦୀର୍ଘ ୨୪ବର୍ଷ ଧରି ନିଜର ଅପ୍ରତଦ୍ୱନ୍ଦ୍ୱୀ ବୋଲି ଭାବୁଥିବା ବିଜେଡିର ଏହି ଅହଙ୍କାର ହିଁ ଦଳର ପତନର କାରଣ ହେବ। ଟାଇଟାନିକ୍ ଜାହାଜର ଚାଳକ ଦଳ ଯେପରି ବରଫଖଣ୍ଡର ଅଣଦେଖା କରିଥିଲେ ଠିକ୍ ସେହିପରି ଏବେ ବିଜେଡିରେ ବରିଷ୍ଠ ନେତା-କର୍ମୀମାନଙ୍କ ଅଭିଯୋଗକୁ ଅଣଦେଖା କରି ହାକିମାତି ଲଦି ଦିଆଯାଉଛି।

ବିଜେଡି ଆଜି ଦିନରେ ପ୍ରାଇଭେଟ ଲିମିଟେଡ୍ କମ୍ପାନୀରୁ ଯେତେବେଳେ ଦଳ ହେବ ସେବେଯାଇଁ ବିଜେଡି ଟ୍ରାକକୁ ଫେରିବ। ସରକାରୀ ଚାକରୀରୁ ଅବସର ନେବା ପରେ ନବୀନ ନିବାସରେ ତାଙ୍କର କାମ କ'ଣ। ଝିଅ ବାହା ହୋଇଗଲେ ଗୋତ୍ର ବଦଳିଯାଏ ସେହି ଗୋତ୍ରରେ ସେ ଚଳନ୍ତି।

# ବିଜେପିରେ ଯୋଗ ଦେଲେ ଅମର ପଟ୍ଟନାୟକ

**ଭୁବନେଶ୍ୱର,୩।୧୧ (ମହାଭାରତ):** ବିଜେଡିକୁ ଶକ୍ତ ଧକ୍କା। ପଦ୍ମ ଧରିଲେ ଅମର ପଟ୍ଟନାୟକ। ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଆଇଟି ସେଲ୍ ଅଧ୍ୟକ୍ଷ ଓ ପୂର୍ବତନ ରାଜ୍ୟସଭା ସାଂସଦ ଓ ଦଳର ମୁଖପାତ୍ର ଅମର ପଟ୍ଟନାୟକ ଆଜି ବିଜେପିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂ ତୋମର ପ୍ରମୁଖଙ୍କ ଉପସ୍ଥିତିରେ ଅମର ପଟ୍ଟନାୟକ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ବିଜେପି ରାଜ୍ୟ ପ୍ରଭାରୀ ବିଜୟ ସିଂ ତୋମର ଅମର ପଟ୍ଟନାୟକଙ୍କୁ ଦଳର ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଦଳର ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ବରିଷ୍ଠ ନେତ୍ରୀ ପିଙ୍କି ପ୍ରଧାନ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।




ବିଜେପିର କାର୍ଯ୍ୟଶୈଳୀ ଓ ଓଡିଶାରେ ବିକାଶ ଧାରାରେ ଦଳର ଭୂମିକା ନେଇ ଉତ୍ସାହିତ ହୋଇ ସେ ବିଜେପିରେ ସାମିଲ ହୋଇଥିବା କହିଛନ୍ତି ଅମର ପଟ୍ଟନାୟକ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୋତେ ଯେଉଁ କାର୍ଯ୍ୟରେ ନିୟୋଜିତ କରାଇବେ ମୁଁ ସେହି ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବି କହିଛନ୍ତି ଅମର ପଟ୍ଟନାୟକ। ନୂଆପଡାରେ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାରରେ ଯୋଗ ଦେଉଥିବା ବେଳେ ଅମର ପଟ୍ଟନାୟକ ବିଜେପିରେ ସାମିଲ ହେବା ଘଟଣା ବିଜେଡିକୁ ଅଡୁଆରେ ପକାଇଛି।

## ପାଇଖାନା ଟାଙ୍କିରେ ୩ ଶିଶୁ ମୃତ

**ବଡ଼ମ୍ବା,୩।୧୧ (ମହାଭାରତ):** ବଡ଼ମ୍ବା ରଗଡ଼ିପଡ଼ାରେ ହୃଦୟ ବିଦାରକ ଘଟଣା ଘଟିଛି। ପାଇଖାନା ଟାଙ୍କିରେ ପଡି ୩ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ୨ ଜଣ ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ମୃତକମାନେ ହେଲେ ଶୁଭମ ନାଏକ(୩), ଶିବାନୀ ନାଏକ(୫) ଓ ଅଙ୍କିତ ନାଏକ (୭)।ଶୁଭମ, ଶିବାନୀ ଓ ଅଙ୍କିତ ନିଜ ଅଜା ଘରକୁ ବୁଲିବାକୁ ଆସିଥିଲେ। ଖେଳୁଥିବା ବେଳେ ପଡୋଶୀଙ୍କ ପାଇଖାନା ଟାଙ୍କିର ଢାଙ୍କୁଣୀ ହଠାତ ଭାଙ୍ଗି ଯିବା ଫଳରେ ୩ ଜଣ ଏହା ଭିତରେ ପଡିଯାଇଥିଲେ। ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରି ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମୃତ ଘୋଷଣା କରାଯିବା ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି।

# ନୂଆପଡ଼ାରେ ନବୀନଙ୍କ ଜୋରଦାର ପ୍ରଚାର

**ନୂଆପଡ଼ା,୩।୧୧ (ମହାଭାରତ):** ବିଜେଡି ସରକାର ସମୟରେ ନୂଆପଡ଼ା ସମେତ ରାଜ୍ୟର ସବୁ ଜିଲାରେ ବିକାଶମୂଳକ କାମ ଦ୍ରୁତ ଗତିରେ ଆଗକୁ ବଢ଼ୁଥିଲା। କିନ୍ତୁ ବିଜେପି ସରକାର ଆସିବାପରେ ପରିସ୍ଥିତି ପୂରା ବଦଳି ଯାଇଛି। ନାରୀ ଅତ୍ୟାଚାର ସବୁ ସୀମା ଟପିଲାଣି। ଭାଇଚାରାର ରାଜ୍ୟ, ଓଡିଶା ସୁନାମ ଆଜି ନଷ୍ଟ ହୋଇଗଲାଣି। ବିଜେପି ଶାସନରେ ଓଡ଼ିଶାର ଲୋକେ ଅତିଷ୍ଠ ହୋଇଗଲେଣି । ଭୋଟ ଚୋରୀ କରୁଥିଲେ, ଏବେ ପ୍ରାର୍ଥୀ ଚୋରୀ କରୁଛନ୍ତି। ନୂଆପଡାବାସୀ, ବିଜୁ ଜନତା ଦଳ ସହ ବିଜେପି କରିଥିବା ବେଇମାନୀ ପାଇଁ ଲୋକମାନଙ୍କ ମନରେ କ୍ରୋଧ ରହିଛି। ଏ ବିଶ୍ୱାସଘାତକତାର ଜବାବ ନୂଆପଡାବାସୀ ୧୧ ତାରିଖ ଦିନ ଭୋଟ୍‌ରେ ଦେବେ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଆଜି ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବା ଅବସରରେ କୋମନା ବ୍ଲକର ତାରାବୋଡ଼, ଧାନମଣ୍ଡି ପଡିଆରେ ଆୟୋଜିତ ବିଶାଳ ଜନସଭାକୁ ସମ୍ବୋଧିତ କରି ଶ୍ରୀ ପଟ୍ଟନାୟକ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ




ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ସେ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ନୂଆପଡା ଜିଲ୍ଲାର ପ୍ରଭୂତ ଉନ୍ନତି ହୋଇଥିଲା। ବିଜୁ ଏକ୍ସପ୍ରେସ ୱେ ଠାରୁ ଆରମ୍ଭ କରି ଭଲ ପିଇବା ପାଣି, ୧୦ହଜାର ହେକ୍ଟରରୁ ଅଧିକ ଜମିକୁ ପାଣି ଦିଆଯାଇଛି। ସୁନାବେଡା ଅଭୟରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ବିଜେପି ସରକାର ଆସିବାପରେ ପରିସ୍ଥିତି ପୂରା ବଦଳି ଯାଇଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ।

ବିଜେପି ସରକାରଙ୍କୁ ସମାଲୋଚନା କରି ସେ ଆହୁରି କହିଥିଲେ, ଯେ ସାରା ରାଜ୍ୟରେ ଏବେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି । ଆଇନ ଶୃଙ୍ଖଳା ପୂରା ଭୁଶୁଡ଼ି ଯାଇଛି। ରାଜ୍ୟରେ ଏକ ନୀରବ ବିପ୍ଳବ ଆଣିଥିବା ମିଶନ୍ ଶକ୍ତି ମା' ମାନେ ଆଜି ଋଣ ପାଉନାହାଁନ୍ତି । ୮ ମାସ ହେଲା ମିଶନ ଶକ୍ତି ମାମାନେ ଦରମା ପାଉ ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଏ ସରକାର କେବଳ ମିଛ ପ୍ରଚାରରେ ମାତିଛି। ମିଛ ପ୍ରଚାରରେ ହିରୋ, କିନ୍ତୁ କାମରେ ଜିରୋ । ଏ ସରକାର ଗେମ୍ ଚେଞ୍ଜର ନୁହେଁ ନେମ ଚେଞ୍ଜର ସରକାର। ରଙ୍ଗ ମରା ସରକାର । ୩୦୦ ୟୁନିଟ ମାଗଣା ବିଜୁଳି, ସବୁ ବୁଢ଼ାବୁଢ଼ୀଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା, ସବୁ ପଂଚାୟତର ୧୦୦ ଯୁବକଙ୍କୁ ଚାକିରୀ ଭଳି ବିଜେପିର ପ୍ରତିଶ୍ରୁତି ପାଣିର ଗାର ପାଲଟି ଯାଇଛି । ଚାଷୀଙ୍କୁ ସାର ମିଳୁନି, କଟନୀ ଛଟନୀ ବନ୍ଦ ହେଲାଣି । ବିଏସକେୱାଇକୁ ଭଲ ଥିଲା କି ଆୟୁଷ୍ମାନ କାର୍ଡ ଭଲ, ଲୋକଙ୍କୁ ପ୍ରଶ୍ନ କରିଥିଲେ । ସେ କହିଥିଲେ ଯେ ବିଜେପି ଭୋଟ ଚୋରି କରି ସରକାର ଗଢ଼ିଥିଲା । ଏବେ ପ୍ରାର୍ଥୀ ଚୋରି କରୁଛନ୍ତି। ଆସନ୍ତା ୧୧ ତାରିଖରେ ନୂଆପଡ଼ାବାସୀ ବିଜେପିକୁ ଏହି ପ୍ରତାରଣାର ଜବାବ ଦେବେ ବୋଲି କହିଥିଲେ ।

## ଜେଲ ଗଲେ ପଞ୍ଚସଫ୍ଟ ଓ ସିଲିକନ୍ ମୁଖ୍ୟ

**ଭୁବନେଶ୍ୱର,୩।୧୧ (ମହାଭାରତ):** ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ଆଉ ଜଣେ ମୁଖ୍ୟ କାର୍ପଟଦାରଙ୍କୁ ବାନ୍ଧିଛି। ଗିରଫ ଅଭିଯୁକ୍ତ ହେଲେ ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡର ମାଲିକ ସୁରେଶ ନାୟକ। କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଓ ସୁରେଶଙ୍କୁ କଟକ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ସାମ୍ନାସାମ୍ନି ଜେରା କରିଛି। ଏସଆଇ ନିଯୁକ୍ତି ପରୀକ୍ଷା ଦାୟିତ୍ୱ ନେଇଥିବା ଆଇଟିଆଇ ଲିମିଟେଡ୍ ଏହି କାର୍ଯ୍ୟକୁ ସିଲିକନ୍ ଟେକଲାବକୁ ସବଲେଟ୍ କରିଥିଲା। ସୁରେଶ ନାୟକ ହିଁ ଏକମାତ୍ର ବ୍ୟକ୍ତି ଥିଲେ ଯିଏ ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ଓ ପରିବହନ ପାଇଁ ଉତ୍ତରଦାୟୀ ଥିଲେ। ତଦନ୍ତ ସମୟରେ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ, ଅନ୍ୟତମ ଅଭିଯୁକ୍ତ ପଂଚସଫ୍ଟ କମ୍ପାନୀ ମାଲିକ ଶଙ୍କର ପୃଷ୍ଟି ସହ ସେ ନିୟମିତ ଯୋଗାଯୋଗରେ ରହିଥିଲେ। ଶ୍ରୀ ନାୟକଙ୍କ କମ୍ପାନୀର ଅତିଥି ଭବନ ଯାହାକି ନୂଆଦିଲ୍ଲୀସ୍ଥିତ କାଲକାଜିରେ ରହିଛି ସେଠାରେ ଶଙ୍କର ପୃଷ୍ଟିଙ୍କୁ ସେ ଆଶ୍ରୟ ଦେଇଥିଲେ। ପରେ ପୁଲିସ ଗିରଫ ଓ ତଦନ୍ତରୁ ବର୍ତ୍ତିବା ପାଇଁ ଉକ୍ତ ସ୍ଥାନ ଛାଡ଼ି ପଳାଇବାକୁ ମଧ୍ୟ ତାକୁ ସତର୍କ କରାଇଥିଲେ। ଯାହା ସେମାନଙ୍କର ଅପରାଧିକ ସମ୍ପର୍କକୁ ସ୍ପଷ୍ଟ ପ୍ରମାଣିତ କରୁଛି।

## ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ। ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ। ଏବେ ଧୀରେ ଧୀରେ ବେସନ ଦିଅନ୍ତୁ। ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ। ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ। ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ।



ଖବର

## ଶମ୍ଭୁ 'ଏକ ନୂଆ ସମ୍ଭାବନା



ରିଲିଜ ହେଲା ବହୁ ପ୍ରତୀକ୍ଷିତ ସିନେମା 'ଶମ୍ଭୁ' ।ଶୁଭମ ଓ ପିୟୁଷଙ୍କ ଉପରେ ନଜର ।ଶୁଭମଙ୍କ ଆକ୍ସନ ଓ ଅଭିନୟକୁ ଦର୍ଶକଙ୍କ ପ୍ରଶଂସା ୟ୩୧ ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ଶମ୍ଭୁ ୟିଭୂତି ଜେନାଙ୍କ ପ୍ରଯୋଜିତ ତଥା ଦିଲ୍ଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ନାୟିକା ଭୂମିକାରେ ତମନା ନଜର ଆସିଛନ୍ତି ।ଅଭିନୟରେ ହରି ,କେକେ ,ଜୀବନ ପଣ୍ଡା ,ଡିସ୍କୋ ,ବ୍ଲାକ ରବି ,ପୀୟୂଷ ଓ ମିଟୁ ମିଥୁନ ନଜର ଆସିବେ ।ଡକ୍ଟର ରଜନିରଂଜନ ଶମ୍ଭୁର ସଂଳାପକାର ଥିବା ବେଳେ ଦୀପକ କୁମାର ସଙ୍ଗୀତକାର ଅଛନ୍ତି ।

## ଫ୍ରିଜରେ ରଖନ୍ତୁ ନାହିଁ ଏହି ଜିନିଷ

ଆମେ ସମସ୍ତେ ଭଲ ଭାବେ ଜାଣିଛନ୍ତି ଯେ ଦ୍ରବ୍ୟକୁ ଫ୍ରିଜରେ ସୁରକ୍ଷିତ ଭାବେ ରଖାଯାଇପାରିବେ,କିନ୍ତୁ ଏହାର ମାନେ ନୁହେଁ ଯେ ସମସ୍ତ ଦ୍ରବ୍ୟକୁ ଫ୍ରିଜରେ ରଖାଯିବ। ବେଳେବେଳେ ଆମକୁ ସୁହାଉଥିବା ଭଳି ଅଭ୍ୟାସ ମଧ୍ୟ ଆମ ଅଜଣାତରେ ନୂଆ ସମସ୍ୟା ସୃଷ୍ଟି କରିଥାଏ । କେଉଁ ଦ୍ରବ୍ୟକୁ ଫ୍ରିଜରେ ରଖାଗଲେ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ସେ ସଂପର୍କରେ ଆସନ୍ତୁ ଜାଣିନେବା ।

ଅଧିକାଂଶ ଲୋକ ଫ୍ରିଜରେ ଟମାଟୋ ରଖନ୍ତି । ଟମାଟୋ ଏକ ପରିବା ନୁହେଁ ଏହା ଏକ ଫଳ । ଏହା ଅଧିକ ଗରମ ଏବଂ ପାଣି ଲୋଡ଼ିଥାଏ। ପାଗ ଥଣ୍ଡା ହେଲେ ଏହା ସମ୍ଭାଳି ପାରିନଥାଏ । ଶୀଘ୍ର ପଚିଯାଏ । ଭିନେଗାର ଓ ସୋୟା ସସକୁ ଫ୍ରିଜରେ ରଖନ୍ତୁ ନାହିଁ। ଏହାକୁ ସୁରକ୍ଷିତ ପାଇଁ ଫ୍ରିଜର ଆବଶ୍ୟକତା ନଥାଏ । କେତେକ ଗୃହିଣୀ କାଟିଲା ବେଳେ ଆଖିରୁ ଲୁହ ବାହାରିବନି ବୋଲି ଜାଣି ପିଆଜକୁ ଫ୍ରିଜରେ ରଖନ୍ତି । ପିଆଜ ଫ୍ରିଜରେ ରହିଲେ ଶୀଘ୍ର ପଚିବାର ସମ୍ଭାବନା ରହିଛି । ପିଆଜ ରହୁଥିବା ଫ୍ରିଜରୁ ଦୁର୍ଗନ୍ଧ ହୁଏ । କାକୁଡ଼ିକୁ ଫ୍ରିଜରେ ରଖିଲେ ଏଥିରେ ଥିବା ଆଣ୍ଟିଅକ୍ସିଡ଼େଣ୍ଟ ନଷ୍ଟ ହୋଇଥାଏ । ମହୁକୁ ଫ୍ରିଜରେ ରହିଲେ ଏହା ଦାନା ବାନ୍ଧି ଯାଏ । ସ୍ୱାଦ ବଦଳିଯାଏ ।ରଙ୍ଗରେ ପରିବର୍ତ୍ତନ ଘଟିଥାଏ । ଆଳୁକୁ ଫ୍ରିଜରେ ରଖିଲେ ଏହାର ସ୍ୱାଦ ମିଠା ହୋଇଥାଏ ଏବଂ ପଚିଯାଏ । ଏହା ପାଖରେ ଥିବା ଅନ୍ୟ ଫଳ ଓ ପରିବାକୁ ନଷ୍ଟ କରିଦିଏ । କଫିକୁ କେବେ ବି ଫ୍ରିଜରେ ରଖନ୍ତୁ ନାହିଁ। ସ୍ୱାଦ ଓ ସୁଗନ୍ଧ ବଦଳିଯିବ ।



## ଶରୀର ପାଇଁ ଉପକାରୀ 'ବୁଲେଟ୍ କଫି'

- କିଛି ଲୋକଙ୍କ ପାଚନ କ୍ରିୟାକୁ କଫି ଖରାପ କରିଥାଏ । ଖାଲି ପେଟରେ କଫି ପିଇଲେ ପେଟରେ ଥିବା ଏନଜାଇମ୍ ବିଶୃଙ୍ଖଳିତ ହୋଇଯାଉଥିବାରୁ ଏଭଳି ସ୍ଥିତି ଉପୁଜିଥାଏ । କିନ୍ତୁ ଏହି ସମସ୍ୟା ଥିବା ବ୍ୟକ୍ତି କଫିରେ ଘିଅ ମିଶାଇ ପିଇଲେ କୌଣସି ଅସୁବିଧା ହୋଇନଥାଏ । ଘିଅ ଏସିଡିଟିକୁ କମ୍ କରିଥାଏ। ଏଥିରେ ଥିବା ବ୍ୟୁଟିରିକ୍ ଏସିଡ୍ ଓ ଓମେଗା-୩ ଫ୍ୟାଟି ଏସିଡ୍ ଖାଦ୍ୟନଳୀ ଓ ମେଟାବୋଲିଜିମ୍ ପାଇଁ ବହୁତ ଭଲ ।
- ଓଜନ କମ୍ କରିବା ପାଇଁ ଫ୍ୟାଟଜାତୀୟ ଖାଦ୍ୟକୁ ସମ୍ପୂର୍ଣ୍ଣ ଛାଡିବା ଉଚିତ୍ ନୁହେଁ । ତେଣୁ ସ୍ମାର୍ଟ ଉପାୟରେ ଫ୍ୟାଟ ଗ୍ରହଣ କରିପାରିବେ,ଯେମିତିକି ଏହା ଓଜନ ବଢାଇବା ନାହିଁ । ତେଣୁ କଫିରେ ଘିଅ ମିଶାଇ ପିଅନ୍ତୁ । ଘିଅରେ ଫ୍ୟାଟ୍ ରହିଥିବାରୁ କମ୍ ଭୋକ ହୋଇଥାଏ । ତେଣୁ ଖାଇବାକୁ ଇଚ୍ଛା ହୁଏ ନାହିଁ। ଏହାଦ୍ୱାରା ଆପଣଙ୍କ ଓଜନ କମ୍ ହୋଇଥାଏ ।
- ଯଦି ସକାଳେ ଆପଣ କେବଳ କଫି ପିଉଛନ୍ତି,ତେବେ ମନେ ରଖନ୍ତୁ ଆପଣ କେବଳ କ୍ୟାଲୋରୀ ହିଁ ନେଉଛନ୍ତି । ଏଥିପାଇଁ କଫିରେ ଘିଅ ମିଶାଇ ପିଅନ୍ତି । ଏହା ଆପଣଙ୍କ ପାଚନ କ୍ରିୟା ପାଇଁ ଭଲ ଏବଂ ଏହାଦ୍ୱାରା ଆପଣଙ୍କ ଶରୀରକୁ ଶକ୍ତି ମଧ୍ୟ ମିଳିଥାଏ ।
- ଘିଅରେ ଥିବା ଫ୍ୟାଟ ମସ୍ତିଷ୍କ ପାଇଁ ଭାରି ଭଲ। କଫିରେ ଘିଅ ମିଶାଇ ପିଇଲେ ମୁଡ୍ ଠିକ୍ ରଖୁଥିବା ହରମୋନ୍ ରିଲିଜ୍ ହୋଇଥାଏ । ଫଳରେର ମନ ବି ଶାନ୍ତ ରହେ ।



## କାର୍ତ୍ତିକ ପୂର୍ଣ୍ଣିମା ଦିନ ଦାନପୁଣ୍ୟର ରହିଛି ବିଶେଷ ମହତ୍ୱ



ହିନ୍ଦୁ ଧର୍ମରେ କାର୍ତିକ ମାସର ଅନେକ ମହତ୍ୱ ରହିଛି। କାର୍ତିକ ମାସଧର୍ମ ମାସ କୁହାଯାଏ। କାର୍ତିକ ଅମାବାସ୍ୟାର ଯେତିକି ମହତ୍ୱ ଅଛି କାର୍ତିକ ପୂର୍ଣ୍ଣିମାର ମଧ ସେତିକି ମହତ୍ୱ ରହିଛି। ଏଥର କାର୍ତିକ ପୂର୍ଣ୍ଣିମା ନଭେମ୍ବର ୫ ତାରିଖରେ ପଡୁଛି। ଏହି ଦିନ ପବିତ୍ର ଗଙ୍ଗା ନଦୀରେ ବୁଡ଼ ପକାଇବାର ବିଶେଷ ମହତ୍ୱ ରହିଛି। ଗଙ୍ଗା ନଦୀରେ ନହେଲେ ବି ଯେକୌଣସି ପବିତ୍ର ନଦୀରେ ସ୍ନାନ କଲେ ଶୁଭ ଫଳ ମିଳେ ବୋଲି କୁହାଯାଏୟ କା□ମା ପୂର୍ଣ୍ଣିମା ଦିନ ଦାନପୁଣ୍ୟର ବିଶେଷ ମହତ୍ୱ ରହିଛି ।ପୁରାଣରେ କାର୍ତିକ ପୂର୍ଣ୍ଣିମାର ଅନେକ ମହତ୍ୱ ରହିଛି। କାର୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟୟ।ଏହିଦିନ ଦେବ ଦୀପାବଳି ପାଳନ ପରମ୍ପରା ମଧ ରହିଛିୟ କାର୍ତିକ ମାସରେ ଦାନପୁଣ୍ୟ କଲେ କଣ ଫଳ ମିଳେ, ଶୁଭ ମୁହୂର୍ତ ଏବଂ ପୌରାଣିକ କଥା ସମ୍ପର୍କରେ



ଜାଣନ୍ତୁ :

କାର୍ତିମା ପୂର୍ଣ୍ଣିମା ଦିନ ଗଙ୍ଗା ସ୍ନାନର ବିଶେଷ ମହତ୍ୱ ରହିଛି। ଏହି ଦିନ ଗଙ୍ଗାରେ ସ୍ନାନ କଲେ ମନୁଷ୍ୟକୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି କୁହାଯାଏ। ସ୍ନାନ ପରେ ଦାନ ମଧ କରିବା ଉଚିତ। କାର୍ତିକ ପୂର୍ଣ୍ଣିମା ଦିନ ଗଙ୍ଗା ନଦୀରେ ବୁଡ଼ ପକାଇଲେ ସବୁ ପାପ ନାଶ ହୋଇଥାଏ ବୋଲି ମଧ ବିଶ୍ୱାସ ରହିଛି। ସେଥିପାଇଁ ଏହି ଦିନ ଗଙ୍ଗାରେ ବୁଡ଼ ପକାଇବାକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପହଂଚିଥାନ୍ତି।

ଏକ କଥା ଅନୁସାରେ, ତ୍ରିପୁରାସୁର ନାମକ ରାକ୍ଷସ ୩ ଲୋକରେ ଆତଙ୍କ ଖେଳାଇଥିଲା। ଧୀରେ ଧୀରେ ସେ ସ୍ୱର୍ଗ ଲୋକରେ ମଧ ନିଜ ଅଧିକାର ବିସ୍ତାର କଲା। ତ୍ରିପୁରାସୁର ପ୍ରୟାଗରେ ବହୁତ ଦିନ ଯାଏଁ ତପସ୍ୟା କଲା। ତା ତପସ୍ୟା ତେଜରେ ତିନି ଲୋକ ଜଳିବାକୁ ଲାଗିଲା। ଏହାପରେ ବ୍ରହ୍ମା ତା ସମ୍ମୁଖରେ ପ୍ରକଟ ହେଲେ ଓ ବରଦାନ ମାଗିବାକୁ କହିଲେ। ତ୍ରିପୁରାସୁର ବରଦାନ ମାଗିଲା ଯେ ତାଙ୍କୁ ଦେବତା, ସ୍ତ୍ରୀ, ପୁରୁଷ, ଜୀବଜନ୍ତୁ, ପାଖି, ନିଶାଚର କେହି ବି ମାରିନପାରନ୍ତୁ। ଏହି ବରଦାନ ମିଳିବ ପରେ ତ୍ରିପୁରାସୁର ଅମର ହୋଇଗଲେ ଏବଂ ଦେବତାଙ୍କ ମଧରେ ଅତ୍ୟାଚର କରିବାକୁ ଲାଗିଲା। ଫଳରେ ଦେବତାମାନେ ବ୍ରହ୍ମାଙ୍କ ପାଖକୁ ଯାଇ ତ୍ରିପୁରାସୁରର ଅନ୍ତ କରିବାକୁ ଉପାୟ ପଚ୍ଚରିଲେ। ବ୍ରହ୍ମା ତ୍ରିପୁରାସୁରର ଅନ୍ତ କରିବାକୁ ଉପାୟ ବତାଇଲେ। ଏହାପରେ ସବୁ ଦେବତା ଭଗବାନ ଶିବଙ୍କ ପାଖକୁ ଯାଇ ତ୍ରିପୁରାସୁରର ବଧ କରିବାକୁ ପ୍ରାର୍ଥନା କଲେ। ତେବେ ଯାଇ ମହାଦେବ ତ୍ରିପୁରାସୁରର ବଧ କଲେ। ସେଥିପାଇଁ ଅନେକ ସ୍ଥାନରେ କାର୍ତିକ ପୂର୍ଣ୍ଣିମାକୁ ତ୍ରିପୁରୀ ପୂର୍ଣ୍ଣିମା ମଧ କୁହାଯାଏ।



## ଭଗବାନ ବିଷ୍ଣୁ ଶେଷ ନାଗ ଉପରେ କାହିଁକି ଶୟନ କରିଥାନ୍ତି, ପଛରେ କାରଣ

ଭଗବାନ ଶ୍ରୀହରି ବିଷ୍ଣୁ କ୍ଷୀର ସାଗରରେ ଶେଷନାଗ ବା ସର୍ପ ଉପରେ ଶୟନ କରିଥାନ୍ତି। ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ ଶ୍ରୀବିଷ୍ଣୁ ଜଗତର ପାଳନ କର୍ତ୍ତା। ପ୍ରଭୁ



ନାରାୟଣ ଉପଯୁକ୍ତ ସମୟରେ ମାନବ ଜାତିର ମାର୍ଗ ଦର୍ଶନ କରିଥାନ୍ତି। ଶାସ୍ତ୍ରରେ ଭଗବାନ ବିଷ୍ଣୁଙ୍କ ସ୍ୱରୂପକୁ ଶାନ୍ତ, ଆନନ୍ଦମୟୀ ତଥା କୋମଳ କୁହାଯାଇଥାଏ। ଭଗବାନ ବିଷ୍ଣୁ ଶେଷନାଗ ଉପରେ ଆନନ୍ଦ ମୁଦ୍ରାରେ ଶୟନ କରିଥାନ୍ତି। ଭଗବାନଙ୍କର ଏହି ସ୍ୱରୂପକୁ ଲକ୍ଷ୍ୟରେ ରଖି ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି 'ଶାନ୍ତାକାରଂ ଭୁଜଙ୍ଗଶୟନଂ' ଏହାର ଅର୍ଥ ଶାନ୍ତ ସ୍ୱରୂପ ତଥା ଭୁଜଙ୍ଗ ବା ଶେଷନାଗ ଉପରେ ଶୟନ କରୁଥିବା ଦେବତା ହେଉଛନ୍ତି ଭଗବାନ ବିଷ୍ଣୁ।

ଭଗବାନଙ୍କର ଏହି ସ୍ୱରୂପକୁ ଦେଖିଲା ପରେ ମନକୁ ପ୍ରଶ୍ନ ଆସିଥାଏ, କିପରି କାଳର ଛାୟାରେ ରହି ମଧ ଶେଷନାଗ ଉପରେ ଶୟନ କରିଛନ୍ତି ପ୍ରଭୁ । ହିନ୍ଦୁ ଧର୍ମ ଅନୁସାରେ ଶେଷନାଗ ଭଗବାନ ବିଷ୍ଣୁଙ୍କ ଶକ୍ତିର ପ୍ରତୀକ। ବାସ୍ତବରେ ମାନବ ଜୀବନର ପ୍ରତ୍ୟେକ ସମୟ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସହିତ ଜଡ଼ିତ, ଯାହା ପାରିବାରିକ, ସାମାଜିକ ଏବଂ ଆର୍ଥିକ ଦାୟିତ୍ୱ ସହିତ ଜଡ଼ିତ ରହିଛି। କିନ୍ତୁ ଏହି ସବୁ ଦାୟିତ୍ୱ ପୂରା କରିବା ସହିତ ଅନେକ ସମସ୍ୟା ମଧ ଆସିଥାଏ, ଯାହା କାଳ ରୂପୀ ନାଗ ଭଳି ହୋଇଥାଏ। କିଛି ସମୟରେ ବ୍ୟକ୍ତି ଦୁଃଖରେ ଭାଙ୍ଗି ପଡ଼ିଥିବା ସମୟରେ ଭଗବାନ ବିଷ୍ଣୁ ଶାନ୍ତ ସ୍ୱରୂପ ଧୈର୍ଯ୍ୟ ଦେବା ସହିତ ଜୀବନର ସବୁ କଷ୍ଟକୁ ଦୂର କରିବାର ପ୍ରେରଣା ଦେଇଥାଏ।

ହିନ୍ଦୁ ପୌରାଣିକ କଥା ଅନୁସାରେ ଶେଷନାଗ ନିଜର କୁଣ୍ଡଳୀରେ ସମସ୍ତ ଗ୍ରହକୁ ଧରି ରଖିଥାନ୍ତି ଏବଂ ଭଗବାନ ବିଷ୍ଣୁଙ୍କର ମନ୍ତ୍ର ଉଚ୍ଚାରଣ କରିଥାନ୍ତି। ଯଦି ଭଗବାନ ବିଷ୍ଣୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ, ଗ୍ରହ ଏବଂ ତାରାମାନଙ୍କର ପ୍ରତୀକ ଅଟନ୍ତି ତେବେ ବାସ୍ତବରେ ଏହାର ମହତ୍ୱ ସଠିକ୍। ଭଗବାନ ବିଷ୍ଣୁ ଏବଂ ଶେଷନାଗଙ୍କ ମଧରେ ସମ୍ବନ୍ଧ ଶାଶ୍ୱତ। ପୁରାଣରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କର ଅନନ୍ତଶୟନ ରୂପ ହେଉଛି ସମୟର ମାର୍ଗ ଦର୍ଶକ। ଖରାପ ଶକ୍ତିକୁ ବିନାଶ କରିବା ପାଇଁ ଭଗବାନ ବିଷ୍ଣୁଙ୍କର ପ୍ରତ୍ୟେକ ଅବତାରରେ ଶେଷନାଗ ଜଡ଼ିତ ଅଛନ୍ତି ଏବଂ ସେ ବିଶ୍ୱକୁ ପାପରୁ ରକ୍ଷା କରିଥିଲେ।

ତ୍ରେତୟା ଯୁଗରେ ଶେଷନାଗ ଲକ୍ଷ୍ମଣ ରୂପ ଏବଂ ଦ୍ୱାପର ଯୁଗରେ ବଳରାମଙ୍କ ଅବତାର ଧାରଣ କରିଥିଲେ। ଏହି ଦୁଇ ଜନ୍ମରେ ସେ ଭଗବାନ ରାମ ଏବଂ କୃଷ୍ଣଙ୍କର ସହାୟତା କରିଥିଲେ। ମହାଭାରତ ଆଦିପର୍ବ ଆସ୍ତିକ ଉପପର୍ବର ୩୬ତମ ଅଧ୍ୟାୟ ଶ୍ଳୋକରେ ଉଲ୍ଲେଖ କରାଯାଇଛି, ଭଗବାନ ବ୍ରହ୍ମା ପୃଥିବୀକୁ ନିଜ ଉପରେ ଧାରଣ କରିବା ପାଇଁ ଶେଷନାଗଙ୍କୁ କହିଥିଲେ।

ନଗରନକ୍ସା
ମହାନଗରର ନିଜ ଭାଷା



# ଚଳିତବର୍ଷ କିଟ୍ ନହ୍ନିପରୀର ରୌପ୍ୟ ଜୟନ୍ତୀ




ଭୁବନେଶ୍ୱର,୩।୧୧ (ମହାଭାରତ): କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆର ୨୫ତମ ସଂସ୍କରଣ ପାଇଁ ଆଞ୍ଚଳିକ ଅଡିସନ୍ ରବିବାର ଭୁବନେଶ୍ୱରଠାରେ ଶେଷ ହୋଇଛି। କିଟ୍ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ଅଡ଼ିସନ୍‌ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୩ ରୁ ୧୫ବର୍ଷ ବୟସର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଏହାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଆଜି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଓଲିଉଡ୍ ତାରକା ପୁନମ ମିଶ୍ର ଓ ସୂର୍ଯ୍ୟମୟୀ ମହାପାତ୍ର, ଲେଭେଲ୍ ରୋସନର ମୁଖ୍ୟ ରୋଷନ ସାହୁ, ବିଶିଷ୍ଟ ଫଟୋଗ୍ରାଫର ଅଖିଳ ରଞ୍ଜନ, ଡ. ତ୍ରିପୁରା ମିଶ୍ର ଓ ବାଉରୀ ରାଉଳ ପ୍ରମୁଖ ଯୋଗ ଦେଇଥିବା ବେଳେ କୋର କମିଟି ସଦସ୍ୟ ମଳୟ ମହାପାତ୍ର ଓ ଡ. ଶ୍ରଦ୍ଧାଞ୍ଜଳି ନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କିଟ୍ ନହ୍ନିପରୀ ବିଜେତାମାନଙ୍କ ପାଇଁ ମୋଟ ୫୬ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ନହ୍ନି ପରୀ ଟାଇଟଲ୍ ବିଜେତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଆକାରରେ ପ୍ରଦାନ କରାଯିବାକୁ ଥିବା ବେଳେ ସେ କିଟ୍‌ରେ ପାଠ ପଢ଼ିଲେ ତାଙ୍କର ଶହେ ପ୍ରତିଶତ ଫି’ ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି ଛାଡ଼ ହେବ। ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୫ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ଏବଂ ସେ କିଟ୍‌ରେ ପାଠ ପଢିଲେ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି’ ଛାଡ଼ କରାଯିବ। ଦ୍ୱିତୀୟ ରନର୍ସ ଅପ୍ ପାଇଁ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ପୁରସ୍କାର ପ୍ରଦାନ କରାଯିବ।

ପ୍ରତିଯୋଗିତାର ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ୱିଜ୍ କିଡ୍, ମିସ୍ ସିଣ୍ଡେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍ଟିଭ୍ ଆଦି ବିଭିନ୍ନ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ପ୍ରତିଯୋଗୀଙ୍କ ପାଇଁ ପ୍ରତ୍ୟେକ ୨୦ ହଜାର ଟଙ୍କାର ଅର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି।

# ମା’ କ୍ଷୀର ଭାବପ୍ରବଣତା ବହନ କରେ : ରାଜ୍ୟପାଳ



ଭୁବନେଶ୍ୱର,୩।୧୧ (ମହାଭାରତ): ପୃଷ୍ଠଭୂମି କିମ୍ବା ପରିସ୍ଥିତି ନିର୍ବିଶେଷରେ ପ୍ରତ୍ୟେକ ନବଜାତଙ୍କୁ ଉପଯୁକ୍ତ ପୁଷ୍ଟି, ଯତ୍ନ ଏବଂ ସୁରକ୍ଷା ପ୍ରଦାନ ଉପରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋ କରିଛନ୍ତି ଓ ଚଳିତ ନଭେମ୍ବର ୨ ତାରିଖ ରବିବାର ଦିନ ଭୁବନେଶ୍ୱରଠାରେ ଇନଫାଂଟ ଆଣ୍ଡ ୟଙ୍ଗ ଚାଇଲଡ ଫିଡିଙ୍ଗ ଚାପ୍ଟରର ୧୫ତମ ଜାତୀୟ ସମ୍ମିଳନୀ ଏବଂ ଭାରତୀୟ ମାନବ କ୍ଷୀର ବ୍ୟାଙ୍କ ସଂଘର ୧୧ତମ ଜାତୀୟ ସମ୍ମିଳନୀର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ, ‘ଆସନ୍ତା କାଲିର ଐତିହ୍ୟକୁ ପାଳନ କରିବା: ସ୍ଥାୟୀ ନବଜାତ ଏବଂ ଶିଶୁ ଖାଦ୍ୟ ଏବଂ ସ୍ତନ୍ୟପାନ ଅଭ୍ୟାସକୁ ଗ୍ରହଣ କରିବା,‘ ଉପରେ ଆଲୋକପାତ କରି ଏହା ଏକ ମହାନ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରେ ବୋଲି ରାଜ୍ୟପାଳ କହିଥିଲେ ଓ ଏହା ଆମକୁ ମନେ ପକାଇ ଦିଏ ଯେ ଏକ ଜାତିର ସ୍ୱାସ୍ଥ୍ୟ, ବୁଦ୍ଧି ଏବଂ ଜୀବନଶକ୍ତି ଏହାର ଭବିଷ୍ୟତ ନାଗରିକମାନଙ୍କୁ ଦିଆଯାଉଥିବା ପୁଷ୍ଟି ଏବଂ ଯତ୍ନରେ ଗଭୀର ଭାବରେ ନିହିତ। ଗର୍ଭଧାରଣରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ ଜୀବନର ପ୍ରଥମ ଏକ ହଜାର ଦିନ ଶାରୀରିକ ବିକାଶ, ମସ୍ତିଷ୍କ ବିକାଶ ଏବଂ ଜୀବନବ୍ୟାପୀ ସୁସ୍ଥତା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟକୁ ପ୍ରତିନିଧିତ୍ୱ କରେ। ଯେତେବେଳେ ଆମେ ନବଜାତ ଏବଂ ଶିଶୁଙ୍କ ପୁଷ୍ଟିରେ ବିନିଯୋଗ କରୁ, ଆମେ କେବଳ ଏକ ଚିକିତ୍ସା ଚିନ୍ତାକୁ ସମ୍ବୋଧିତ କରୁନାହୁଁ, ଆମେ ଆମ ସମାଜର ଭାଗ୍ୟକୁ ନିର୍ମାଣ କରୁଛୁ। ମା’ କ୍ଷୀରର ପ୍ରତ୍ୟେକ ବୁନ୍ଦା କେବଳ ପୁଷ୍ଟି ନୁହେଁ ବରଂ ପ୍ରେମ, ରୋଗ ପ୍ରତିରୋଧକତା ଏବଂ ଭାବପ୍ରବଣତା ବହନ କରେ ଯାହାକୁ କୌଣସି ବିଜ୍ଞାନ ପୁନରାବୃତ୍ତି କରିପାରିବ ନାହିଁ ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଆମ ଦେଶ ଭାରତ ନବଜାତ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ଓ ତଥାପି ପୁଷ୍ଟିହୀନତାଠାରୁ ଆରମ୍ଭ କରି ସଚେତନତା ଏବଂ ସାମାଜିକ ପ୍ରତିବନ୍ଧକ କ୍ଷେତ୍ରରେ ଚ୍ୟାଲେଞ୍ଜ ରହିଛି ଯାହା ସର୍ବୋତ୍ତମ ଖାଦ୍ୟ ଅଭ୍ୟାସକୁ ବାଧା ଦିଏ। ଏହାର ସମାଧାନ କେବଳ ଚିକିତ୍ସା ଓ ଯତ୍ନରେ ନୁହେଁ ବରଂ ଶିକ୍ଷା, ସଶକ୍ତିକରଣ ଏବଂ ସହାନୁଭୂତି ମାଧ୍ୟମରେ ଆମର ଗୋଷ୍ଠୀ ମଧ୍ୟରେ ରହିଛି। ଏ ଦିଗରେ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନେ ପରିବର୍ତ୍ତନର ପ୍ରବକ୍ତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କ ମାର୍ଗଦର୍ଶନ ମା’ ଏବଂ ରିବାର ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିବ ଯାହା ସ୍ତନ୍ୟପାନ ଏବଂ ସନ୍ତୁଳିତ ପୁଷ୍ଟିସାରକୁ ଏକ ସାର୍ବଜନୀନ ଅଭ୍ୟାସରେ ପରିଣତ କରିବାରେ ସାହାଯ୍ୟ କରିବ। ଆମକୁ ସେହି ମା’ମାନଙ୍କୁ ମଧ୍ୟ ସମ୍ମାନିତ କରିବା ଉଚିତ ଯେଉଁମାନେ ନିଃସ୍ୱାର୍ଥପର ଭାବରେ ଅନ୍ୟ ଶିଶୁମାନଙ୍କୁ ପୁଷ୍ଟି ଦେବା ପାଇଁ ସେମାନଙ୍କର କ୍ଷୀର ଦାନ କରନ୍ତି। ଏହା ସେମାନଙ୍କ ନୀରବ ସହୃଦୟତା ଓ କରୁଣା ଏବଂ ସହଭାଗୀ ମାତୃତ୍ୱର ପ୍ରକୃତ ଭାବନାକୁ ପ୍ରତିଫଳିତ କରେ ଏବଂ ସେମାନେ ସମାଜର ଗଭୀରତମ ସମ୍ମାନ ପାଇବାକୁ ଯୋଗ୍ୟ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

# ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ

ଭୁବନେଶ୍ୱର,୩।୧୧ (ମହାଭାରତ): ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ସେଂଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ଠାରେ ପାଞ୍ଚ ଦିବସୀୟ ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି।

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଶ୍ରୀମତୀ ନିୟତୀ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ବର୍ତ୍ତମାନ ପରିପ୍ରେକ୍ଷୀରେ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ ହେବାକୁ ପ୍ରେରିତ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ବିଶ୍ୱ ଦକ୍ଷତା କେନ୍ଦ୍ର ର ସିଓଓ ପିନାକୀ ପଟ୍ଟନାୟକ, ଅଧକ୍ଷ ଟି ଥାମ୍ବୀରାଜା ଓ ଉପନିର୍ଦ୍ଦେଶକ ସୁଶ୍ରୀ ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଧନ୍ଦାମୂଳକ କ୍ଷେତ୍ରରେ ଭବିଷ୍ୟତ ଗଠନ ନିମନ୍ତେ ପ୍ରୋତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରଶିକ୍ଷଣ ଅନୁଭୂତି ବର୍ଣ୍ଣନା କରିଥିଲେ ଓ ପରିଶେଷରେ ସେମାନଙ୍କୁ ସାର୍ଟିଫିକେଟ ବଂଟନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଉପନିର୍ଦ୍ଦେଶକ ମଧୁସୂଦନ ମଲ୍ଲିକ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରିଥିଲେ।

# ଗୃହ ନିର୍ମାଣ ପ୍ଲାନ ଅନୁମୋଦନ ସମସ୍ୟାର ଜନଶୁଣାଣି



ଭୁବନେଶ୍ୱର,୩।୧୧ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୃହ ନିର୍ମାଣ, ଲେଆଉଟ ପ୍ଲାନ ଅନୁମୋଦନ ସଂପର୍କିତ ସମସ୍ୟାର ସମାଧାନ ନିମନ୍ତେ ପ୍ରଥମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଣିକି ପ୍ରତି ମାସ ପ୍ରଥମ ଶନିବାର ଦିନ ବିଏମ୍‌ସି ପକ୍ଷରୁ ଗୃହ ନିର୍ମାଣ, ଲେଆଉଟ୍ ଓ ଅନ୍ୟାନ୍ୟ ପ୍ଲାନିଂ ସଂପର୍କିତ ସମସ୍ୟାର ସମାଧାନ ଏବଂ ସଚେତନତା ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି କହିଛନ୍ତି ବିଏମ୍‌ସି କମିଶନର ଚଞ୍ଚଳ ରାଣା। ପ୍ରଥମ ଦିନରେ ମୋଟ ୪ ଜଣ ଆବେଦନକାରୀ ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ସମସ୍ୟା ସଂଗେ ସଂଗେ ସମାଧାନ ହେବା ସହ ଗୃହ ନିର୍ମାଣ ପ୍ଲାନିଂ ନିୟମାନୁଯାୟୀ ଅନୁମୋଦନ ପାଇଁ ପଠାଇ ଦିଆଯାଇଛି। ଅନ୍ୟ ଜଣେ ଆବେଦନକାରୀଙ୍କର କିଛି କାଗଜାତ ଦାଖଲ କରିବା ପରେ ତାଙ୍କ ସମସ୍ୟାର ସମାଧାନ ହେବ ବୋଲି ବିଏମ୍ ସି ପ୍ଲାନିଂ ଉପବିଭାଗ ପକ୍ଷରୁ କୁହାଯାଇଛି।

ପ୍ଲାନିଂ ପାଇଁ ଆବେଦନ କରିଥିବା ବ୍ୟକ୍ତି ବା ଅନୁଷ୍ଠାନର ଯଦି କୌଣସି ସମସ୍ୟା ଥାଏ କିମ୍ବା କୌଣସି କାରଣରୁ ସେମାନଙ୍କର ପ୍ଲାନ ଅନୁମୋଦନ କରାଯାଇ ନଥାଏ, ତେବେ ସେମାନେ ବିଏମ୍‌ସି ମୁଖ୍ୟାଳୟ ପ୍ଲାନିଂ ଉପବିଭାଗରେ ପ୍ରତି ମାସର ପ୍ରଥମ ଶନିବାର ପୂର୍ବାହ୍ନ ୧୧ଟାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରରେ ଆବଶ୍ୟକ କାଗଜାତ ସହ ଉପସ୍ଥିତ ରହି ସମସ୍ୟା ସଂପର୍କରେ ଅବଗତ କରାଇପାରିବେ। ନିୟମାବଳୀକୁ ଆଧାର କରି ମାସିକିଆ ଅଭିଯୋଗ ଶୁଣାଣି ଶିବିରରେ ବିଏମସିର ବରିଷ୍ଠ ଅଧିକାରୀ, ପ୍ଲାନିଂ ଉପବିଭାଗର ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମୀକ୍ଷା କରିବେ ଏବଂ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବେ।

ଭୁବନେଶ୍ୱର ମହାନଗର ନିଗମ ଅଂଚଳବାସୀଙ୍କୁ ସହଜରେ ସମସ୍ତ ପ୍ରକାର ସେବା ଯୋଗାଇ ଦେବାକୁ ବିଏମ୍ ସି ପକ୍ଷରୁ ଉଦ୍ୟମ ଜାରି ରହିଛି। ନାଗରିକମାନେ ଗୃହ ନିର୍ମାଣ ନିମନ୍ତେ ପ୍ଲାନିଂ ଅନୁମୋଦନ ପାଇଁ ଯେପରି ସହଜରେ ଏବଂ ଶୀଘ୍ର ଅନୁମୋଦନ ପାଇପାରିବେ, ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗୃହ ନିର୍ମାଣ ପ୍ଲାନିଂ ଅନୁମୋଦନ ନିମନ୍ତେ ଆବେଦନ କରିଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଏହାର ସୁବିଧା ନେଇପାରିବେ ବୋଲି କହିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ବିଏମ୍‌ସିର ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଏହା ଦ୍ୱାରା ସାଧାରଣ ଲୋକଙ୍କୁ ଆଉ ପ୍ଲାନିଂ ଅନୁମୋଦନ ପାଇଁ ବାରମ୍ବାର ବିଏମ୍‌ସି କାର୍ଯ୍ୟାଳୟକୁ ଆସିବାକୁ ପଡିବ ନାହିଁ ବୋଲି କୁହାଯାଇଛି।

# ରେଳପଥ ଦ୍ୱାରା ସ୍ତନ କର୍କଟ ସଚେତନତା



ଭୁବନେଶ୍ୱର,୩।୧୧ (ମହାଭାରତ): ଉତ୍କଳ ହସ୍ପିଟାଲ, ଭୁବନେଶ୍ୱର ସହଯୋଗରେ ପୂର୍ବତଟ ରେଳପଥ ଦ୍ୱାରା ସ୍ତନ କର୍କଟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱରର ଉତ୍କଳ ହସ୍ପିଟାଲର ରେଡିଏସନ୍ ଅଙ୍କୋଲୋଜିଷ୍ଟ ଡକ୍ଟର ସଞ୍ଜିବ କୁମାର ମିଶ୍ର ସ୍ତନ କର୍କଟ ଉପରେ ଏକ ଅତିଥି ବକ୍ତୃତା ପ୍ରଦାନ କରିଥିଲେ। ଏହି ଅଧିବେଶନରେ ଉଚ୍ଚ-ବିପଦପୂର୍ଣ୍ଣ ଗୋଷ୍ଠୀ, ମହାମାରୀ ବିଜ୍ଞାନ, ଲକ୍ଷଣ ଏବଂ ସ୍ତନର ଆତ୍ମ-ପରୀକ୍ଷା, ମାମୋଗ୍ରାଫି, ଅଲ୍ଟ୍ରାସାଉଣ୍ଡ, ଏଆଇ-ନିର୍ଦ୍ଦେଶିତ ଥର୍ମାଲ୍ ସ୍କାନ, ଏଫଏନଏସି ଏବଂ ବାୟୋପସି ସମେତ ବିଭିନ୍ନ ରୋଗ ନିର୍ଣ୍ଣୟ କୌଶଳ ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଡକ୍ଟର ମିଶ୍ର ଉନ୍ନତ ପୂର୍ବାନୁମାନ ପାଇଁ ଜୀବନଶୈଳୀ ପରିବର୍ତ୍ତନ, ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ଚିକିତ୍ସାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧିବେଶନ ପରେ ଅଂଶଗ୍ରହଣକାରୀମାନଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ପ୍ରମୁଖ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ହସ୍ପିଟାଲ/ଭୁବନେଶ୍ୱରର ଚିକିତ୍ସା ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଏବଂ ପ୍ରାୟ ୪୦-୪୫ ଜଣ ମହିଳା କର୍ମଚାରୀ ଯୋଗ ଦେଇଥିଲେ, ଯେଉଁମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସଚେତନତା ଅଭିଯାନର ଅଂଶ ସ୍ୱରୂପ, ୪୬ ଜଣ ମହିଳା କର୍ମଚାରୀଙ୍କ ସ୍ତନ ସ୍ୱାସ୍ଥ୍ୟ ପାଇଁ ଏକ ଏଆଇ -ନିର୍ଦ୍ଦେଶିତ ଥର୍ମାଲ୍ ସ୍କାନ ସ୍କ୍ରିନିଂ କରାଯାଇଥିଲା।

# ଓଇଏସ୍ ପ୍ରତିଷ୍ଠା ଦିବସରେ ପରିବେଶ ପୁରସ୍କାର

ଭୁବନେଶ୍ୱର,୩।୧୧ (ମହାଭାରତ): ସମ୍ପ୍ରତି ଅସହନୀୟ ମାର୍ଗରେ ବିକାଶର ଧାରା ପରିଚାଳିତ ହେଉଥିବାରୁ ଏବଂ ପ୍ରକୃତିର ସୁରକ୍ଷା ପ୍ରତି ଆମ ସମ୍ବେଦନଶୀଳତାରେ ଅବନତି ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳ ଠାରୁ ବିଶ୍ୱର କୋଣ ଅନୁକୋଣ ପର୍ଯ୍ୟନ୍ତ ବିଭିନ୍ନ ପରିବେଶ ଜନିତ ସମସ୍ୟା କ୍ରମେ ଗମ୍ଭୀର ରୂପ ଧାରଣ କରୁଛି। ଏବେ ଠାରୁ ପରିବେଶର ଗୁଣାତ୍ମକ ମାନକୁ ସୁରକ୍ଷିତ ନରଖିଲେ ଆଗାମୀ ଭବିଷ୍ୟତ କେବଳ ମାନବଜାତି ନୁହେଁ, ସମଗ୍ର ଜୀବଜଗତ ନିମନ୍ତେ ଘାତକ ସାବ୍ୟସ୍ତ ହେବ। ଏହି ପରିପ୍ରେକ୍ଷୀରେ, ସରକାର, ବିଭିନ୍ନ ଅନୁଷ୍ଠାନ ଏବଂ ଜନସାଧାରଣ ସମ୍ମିଳିତ ଉଦ୍ୟମ ମାଧ୍ୟମରେ ପ୍ରକୃତିର ସୁରକ୍ଷା ଏବଂ ପରିବେଶର ଗୁଣାତ୍ମକ ମାନ ବଜାୟ ରଖିବା ନିମନ୍ତେ ପ୍ରତିବଦ୍ଧତା ପ୍ରକାଶ କରିବା ବାଞ୍ଛନୀୟ। ଓଡ଼ିଶା ପରିବେଶ ସମିତି (ଓଇଏସ୍)ର ୪୪ତମ ପ୍ରତିଷ୍ଠା ଦିବସ ଏବଂ ପୁରସ୍କାର ପ୍ରଦାନ ଉତ୍ସବ ପାଳନ ଅବସରରେ ଯୋଗଦାନ କରିଥିବା ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସମିତିର ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଶାର ପୂର୍ବତନ ପୁଲିସ୍ ଡିଜି ଡ. ସତ୍ୟଜିତ ମହାନ୍ତି ଏବଂ ମୁଖ୍ୟବକ୍ତା ରୂପେ ୟୁଏନ୍‌ଡିପି ଓଡ଼ିଶା କାର୍ଯ୍ୟାଳୟ ମୁଖ୍ୟ ଆଭା ମିଶ୍ର ଯୋଗଦାନ କରିଥିଲେ।

# ବିଏମ୍‌ସି ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ



ଭୁବନେଶ୍ୱର,୩।୧୧ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଆଜି ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପି ପାଳନ ହେଉଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ। ଚଳିତ ବର୍ଷର ଥିମ୍ ରହିଛି “ଦୁର୍ନୀତି ନିବାରଣ-ଆମ ସାମୂହିକ ଦାୟିତ୍ୱ”। ଏହି ଅବସରରେ ବିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ଗ୍ରହଣ କରିଛନ୍ତି।

ଆମ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ। ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା-ସରକାର, ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୋଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା ସହ ଉକ୍‌ରୋଚ ନେବା କିମ୍ବା ଦେବା, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧାନ ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତ ମୂଳକ ସାଧୁତା ବଜାୟ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ଏବଂ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ଶପଥ ନେଇଛନ୍ତି। ବିଏମ୍‌ସି ମୁଖ୍ୟାଳୟର ଏକାମ୍ର ହଲରେ ଅନୁଷ୍ଠିତ ଏହି ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ରତ୍ନାକର ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା ପ୍ରମୁଖ ମଂଚାସୀନ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ମାଷ୍ଟରମାଇଣ୍ଡ: ବିଜେଡ଼ି

ଭୁବନେଶ୍ୱର,୩।୧୧ (ମହାଭାରତ): ପୋଲିସ୍ ଏସ୍ଆଇ ନିଯୁକ୍ତି କେଲେଙ୍କାରୀରେ ସମ୍ପୃକ୍ତ ଥିବା ଶଙ୍କର ପ୍ରୁଷ୍ଟିକୁ ଗିରଫ କରି ତାକୁ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଥିବା ବେଳେ, ଶଙ୍କର ନୁହେଁ ବରଂ ଶଙ୍କରକୁ ଏହି କାମ ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ ଦପ୍ତର (ସିଏମ୍‌ଓ) ହିଁ ପ୍ରକୃତ ମାଷ୍ଟରମାଇଣ୍ଡ ବୋଲି ବିଜୁ ଜନତା ଦଳ କହିଛି। ଗୃହ ବିଭାଗ ଦାୟିତ୍ୱରେ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କ ଜ୍ଞାତସାରରେ ହିଁ ଏହି କାମ ଶଙ୍କର ପ୍ରୁଷ୍ଟିକୁ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଆଗଧାଡିର ନେତୃତ୍ୱଙ୍କ ସହ ଶଙ୍କର ପ୍ରୁଷ୍ଟିର ଫଟୋ ଓ ବିଜେପି ଦଳରେ ଯୋଗଦେବା ସମୟର ଫଟୋ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ତେଣୁ ଏହି ଘଟଣାରେ ସିଧାସଳଖ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛି ବିଜେଡି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ପୋଲିସ୍ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ଘଟଣାରେ ସିଧାସଳଖ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର (ସିଏମ୍‌ଓ)ର ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ କରିଛନ୍ତି।

# ସାମସଙ୍ଗ ଇଣ୍ଡିଆ ଡ଼ିଜିଟାଲ ଭୁକ୍ତାନ ଏବଂ ୟୁପିଆଇ ଅନବୋଡ଼ିଙ୍ଗ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ସାମସଙ୍ଗ, ଯାହାକି ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଏକ ମହତ୍ୱପୂର୍ଣ୍ଣ ନବୀନତମ ସାମସଙ୍ଗ ୱାଲେଟର ଘୋଷଣା କରିଛି – ଏକ ବହୁବିଧ ମଂଚ୍ ଯାହା ଗାଲାକ୍ସି ବ୍ୟବହାରକାରୀ ମାନଙ୍କୁ ଡ଼ିଜିଟାଲ ଚାବି, ଭୁକ୍ତାନ ପ୍ରଣାଳୀ, କାର୍ଡ଼ ଚିହ୍ନଟ କରଣ ତଥା ଆହୁରି ଗୋଟେ ଅଧିକ ସୁରକ୍ଷାକାରୀ ଉପଯୋଗ ନିମନ୍ତେ ଅନୁମତି ପ୍ରଦାନ କରି। ଏଭଳି ଏକ ଚମତ୍କାରୀ ବିଶେଷତ୍ୱର ମୂଳରେ ରହିଛି କିଭଳି ଭାବରେ ଲକ୍ଷ ଲକ୍ଷ ଗାଲାକ୍ସି ବ୍ୟବହାରକାରୀ ସେହି ନୂତନ ଉପକରଣଟିକୁ ବ୍ୟବସ୍ଥିତ କରିପାରିବେ ତଥା ଡ଼ିଜିଟାଲ ମାଧ୍ୟମରେ ସେମାନଙ୍କର ଭୁକ୍ତାନ ତଥା ନେଣଦେଣ ପରିଚାଳିତ କରିପାରିବେ। ୟୁପିଆଇ ଅନବୋଡ଼ିଙ୍ଗ ଯାହାକି ଉପକରଣ ବ୍ୟବସ୍ଥିତତାର ଏକ ଅଂଶବିଶେଷ, ପିନ-ମୁକ୍ତ ବାଓମେଟ୍ରିକ୍ ପ୍ରାମଣିକରତା ତଥା ଟାପ ଆଣ୍ଡ ଭୁକ୍ତାନ ବର୍ଦ୍ଧିତ ସମର୍ଥନ ସହିତ ଫୋରେକ୍ସ କାର୍ଡ଼ ଏବଂ ଅନଲାଇନ କାର୍ଡ଼ ଭୁକ୍ତାନକୁ ନେଇ – ସାମସଙ୍ଗ ୱାଲେଟ ଏହାର ଅଭିଯାନକୁ ଆହୁରି ଆଗକୁ ବଢ଼ାଇବା ସହିତ ଆପଣଙ୍କ ଡ଼ିଜିଟାଲ ଜୀବନ ଧାରାରେ ସର୍ବବ୍ୟାପି ତଥା ସୁରକ୍ଷିତ ପ୍ରବେଶ ପଥ ଆଣିପାରିବ। “ସାମସଙ୍ଗ ୱାଲେଟରେ ଏଭଳି ଏକ ସଫଳକାରୀ ନବୀନତାର ଉପସ୍ଥାପନ ପାଇଁ ଆମେ ଉଲ୍ଲସିତ ରହିଛୁ।

# ରିଲାଏନ୍ସ ସ୍ୟୁରିଟି ଇନ୍‌ସ୍ୟୁରାନ୍ସ ବିଡ୍ ବଣ୍ଡ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଦେଶର ଅଗ୍ରଣୀ ଘରୋଇ ସାଧାରଣ ବୀମା କମ୍ପାନି ରିଲାଏନ୍ସ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏହାର ସ୍ୟୁରିଟି ଇନ୍‌ସ୍ୟୁରାନ୍ସ ବିଡ୍ ବଣ୍ଡ୍‌ର ଶୁଭାରମ୍ଭ କରାଯାଇଛି। ପ୍ରକଳ୍ପ ବିଡିଂ ପାଇଁ ଠିକାଦାରମାନଙ୍କୁ ପାରମ୍ପରିକ ବ୍ୟାଙ୍କ ଗ୍ୟାରେଂଟି ବଦଳରେ ଏକ ପ୍ରଭାବଶାଳୀ ଓ ବନ୍ଧମୁକ୍ତ ବିକଳ୍ପ ପ୍ରଦାନ କରିବା ଲାଗି ଏହି ଐତିହାସିକ ଉତ୍ପାଦ ବିକାଶ କରାଯାଇଛି। ଏହା ଉଦୀୟମାନ ସାର୍ବଜନୀନ ପ୍ରକ୍ୟୁରମେଂଟ୍ ଆବଶ୍ୟକତା ଓ ନିୟାମକ ଫ୍ରେମ୍‌ୱର୍କକୁ ପାଳନ କରି ଏକ କମ ପୁଞ୍ଜି ବିଶିଷ୍ଟ ଦ୍ରୁତ ଓ ସହଜ ବିଡ୍ ସିକ୍ୟୁରିଟି ସୁବିଧା ପ୍ରଦାନ କରିବ। ଏହି ସ୍ୟୁରିଟି ବଣ୍ଡ୍ ହେଉଛି ପ୍ରମୁଖ ଠିକାଦାର, ପ୍ରକଳ୍ପ ମାଲିକ ହିତାଧିକାରୀ ଓ ରିଲାଏନ୍ସ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ଯାହା ଏହି ଗ୍ୟାରେଂଟି ଦେବ ଯେ କାର୍ଯ୍ୟବରାଦ ମିଳିବା ପରେ ଠିକାଦାର ସେହି ବିଡ୍‌କୁ ସମ୍ମାନ ଜଣାଇବେ। ଏହାର ଶୁଭାରମ୍ଭ ସମ୍ପର୍କରେ ରିଲାଏନ୍ସ ଜେନେରାଲ୍ ଇନ୍‌ସ୍ୟୁରାନ୍ସର ସିଇଓ ଶ୍ରୀ ରାକେଶ ଜୈନ କହିଛନ୍ତି ଯେ, “ଆମର ସ୍ୟୁରିଟି ଇନ୍‌ସ୍ୟୁରାନ୍ସ ବିଡ୍ ବଣ୍ଡ ଉତ୍ପାଦ ହେଉଛି ଏକ ଠିକାଦାର ସମୁଦାୟ ପାଇଁ ଏକ ଶକ୍ତିଶାଳୀ ସକ୍ଷମକାରୀ ଯାହା ପାରମ୍ପରିକ ବ୍ୟାଙ୍କ ଗ୍ୟାରେଂଟି ଉପରେ ନିର୍ଭରଶୀଳତା କମ୍ କରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ପୁଞ୍ଜି ଉପଲବ୍ଧ କରାଇବ, ଯାହା ଫଳରେ ବ୍ୟବସାୟ ସହଜ ହେବ ଏବଂ ଆମ ଗ୍ରାହକମାନେ ବିଶ୍ୱାସର ସହ ଭିତିଭୂମି ବିକାଶରେ ଅଂଶଗ୍ରହଣ କରିପାରିବେ। ହାଲୁକା ପୁଞ୍ଜି ଓ ଗ୍ରାହକ ପ୍ରଥମ ଭଳି ବୀମା ଆଧାରିତ ସମାଧାନ ଓ ଆମକୁ ପ୍ରତିଫଳିତ କରୁଥିବା ଉତ୍ପାଦ ଉପରେ ଆମେ ଗୁରୁତ୍ୱାରୋପ କରୁଛୁ।”

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଦୁର୍ନୀତି ନିବାରଣ ସଚେତନତା

ଭୁବନେଶ୍ୱର,୩।୧୧ (ମହାଭାରତ): ବ୍ୟକ୍ତିଗତ ସ୍ତରରେ ନିଜେ ଦୁର୍ନୀତିକୁ ପ୍ରଶ୍ରୟ ନ ଦେଇ ଏହାର ବିରୋଧ ନ କରାଗଲେ କେବଳ ସରକାରୀ କଟକଣାରେ ଏହାକୁ ରୋକାଯାଇ ପାରିବନାହିଁ ବୋଲି ବରିଷ୍ଠ ଆରକ୍ଷୀ ଅଧିକାରୀ ତଥା ଓଏଏସ୍ସର ଅଧ୍ୟକ୍ଷ ଡ. ଲଳିତ ଦାସ ମତବ୍ୟକ୍ତ କରିଛନ୍ତି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଦୁର୍ନୀତି ନିବାରଣ ସଚେତନତା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଡ. ଲଳିତ ଦାସ ନିଜ ଅନୁଭୂତିରୁ ଅନେକ ଉଦାହରଣ ଦେଇ ଦୁର୍ନୀତିର ମୂଳୋତ୍ପାଟନ କରିବା ଉପରେ ବ୍ୟକ୍ତିଗତ ଉଦ୍ୟମ କିଭଳି ଫଳପ୍ରଦ ତାହା ବୁଝାଇ କହିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାସନିକ ଅଧିକାରୀ ଫୁଲଚାନ୍ଦ ମୀନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଗୋସ୍ୱାମୀ, ଭାରତୀୟ ପ୍ରଶାସନିକ ସେବାକୁ ବ୍ୟବସ୍ଥିତ କରିବାରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ରାଷ୍ଟ୍ରୀୟ ଏକତା ଦିବସର ଆଭିମୁଖ୍ୟ ଉପରେ ପ୍ରଫେସର ଗୋସ୍ୱାମୀ ଅବଗତ କରାଇ ବିଭାଜନ ପରେ ଦେଶୀୟ ରାଜ୍ୟ ଓ ଗଡ଼ଜାତ ଅଞ୍ଚଳଗୁଡ଼ିକର ଏକୀକରଣ ଉପରେ ସର୍ଦ୍ଦାର ପଟେଲଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତି ଚାରଣ କରାଯାଇଥିଲା। ଅଭିବ୍ୟକ୍ତି ସିରିଜ୍ ଅଧୀନରେ ଛାତ୍ରଛାତ୍ରୀମାନେ ଭିଜିଲାନ୍ସ ସଚେତନତା: ଆମର ସହଭାଗୀ ଦାୟିତ୍ୱ ଉପରେ କହିଥିଲେ।

# କେନ୍ଦୁପତ୍ର ତୋଳାଳୀଙ୍କ ବିଶାଳ ସମାବେଶ



ଭୁବନେଶ୍ୱର,୩।୧୧ (ମହାଭାରତ): ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କେନ୍ଦୁପତ୍ର ତୋଳାଳୀଙ୍କ ନେତା ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ନୂଆପଡ଼ା କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ୫୦ଟି ଗାଁର ୮ ହଜାରରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ତୋଳାଳୀଙ୍କର ଏକ ବିଶାଳ ସମାବେଶ ନୂଆପଡ଼ା ବ୍ଲକ ସାରାବଙ୍ଗ ଗ୍ରାମ ଷ୍ଟେଡିୟମ ପଡିଆରେ ଅନୁଷ୍ଠିତ ହୋଇଯାଇଛି।

ଆଜିର ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବିଜୟ ଦଳବେହେରା, ଉମାଚରଣ ମଲ୍ଲିକ, ପୂର୍ବତନ ରାଜ୍ୟ ସଭାପତି ବିମ୍ବାଧର କୁଅଁର, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ସଭାରେ କେନ୍ଦୁପତ୍ର ଉପରେ ଜିଏସଟି ଉପରେ ଦରହ୍ରାସ, ତୋଳାଳୀମାନଙ୍କୁ ୨୫ ପ୍ରତିଶତ ବୋନସ ତଥା ବନ୍ଧେଇ ଶ୍ରମିକ ଓ ସିଜିନାଲ ଷ୍ଟାଫ୍ ମାନଙ୍କୁ ୫ ପ୍ରତିଶତ ପ୍ରୋତ୍ସାହନ ଭତ୍ତା ପ୍ରଦାନ, ତୋଳାଳୀଙ୍କୁ ଚପଲ, ପାଣି ବୋତଲ, ମୁଣ୍ଡରେ ଟୋପି, କେନ୍ଦୁପତ୍ର ତୋଳା କପଡ଼ା ବାବଦକୁ ୫୦୦ ଟଙ୍କା ତଥା ବନ୍ଧାଳୀମାନଙ୍କୁ ମଶାରୀ, କମ୍ବଳ ଓ ଲଣ୍ଠନ ବାବଦକୁ ୭୦୦ ଟଙ୍କା ପ୍ରଦାନ ପାଇଁ ରାଜ୍ୟର ଲୋକଙ୍କ ସରକାର ତଥା ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ର ନିଷ୍ପତ୍ତିକୁ ଯୁଗାନ୍ତକାରୀ ତଥା ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଏହା ଦ୍ୱାରା କେନ୍ଦୁପତ୍ର ତୋଳାଳୀଙ୍କ ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

# ରାଜ୍ୟ ମଧ୍ୟରେ ଟକ୍କର

ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର-ରାଜ୍ୟ ଏକାଠି କାମ କଲେ କିଛି ଅସମ୍ଭବ ନୁହେଁ। ଏଥିପାଇଁ ରାଜନୈତିକ ମତପାର୍ଥକ୍ୟକୁ ଭୁଲି ସମସ୍ତେ ଏକାଠି ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ନିତି ଆୟୋଗ ବୈଠକରେ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନେ ଯୋଗ ଦେଇଥିଲେ। କିନ୍ତୁ ବୈଠକକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କେରଳ ମୁଖ୍ୟମନ୍ତ୍ରୀ ପିରାଇ ବିଜୟନ ଯୋଗ ଦେଇନଥିଲେ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ବୈଠକରେ ଯୋଗ ଦେଇନଥିଲେ ବି ନିଜର ବାର୍ତ୍ତା ପଠାଇଥିଲେ। ମୋଟ ଉପରେ କହିଲେ ବୈଠକରେ ତିନିଟି ପ୍ରମୁଖ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅନୁପସ୍ଥିତ ଥିଲେ। ଏହାର କାରଣ କ'ଣ ଜଣାନାହିଁ। ସମ୍ଭବତଃ ରାଜନୈତିକ ମତପାର୍ଥକ୍ୟ ଯୋଗୁ ସେମାନେ ବୈଠକରେ ଯୋଗ ଦେଇନଥିଲେ। ଅତୀତରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମମତା ଏବଂ ପିନରାଇ ବିଜୟନ ଅନୁପସ୍ଥିତ ରହିଥିବାର ନଜିର ରହିଛି। ଏହା କଦାପି ସ୍ୱଗତଯୋଗ୍ୟ ନୁହେଁ। ରାଜନୀତି ଅଲଗା, ଦେଶର ବିକାଶ ଏବଂ ଶାସନ ଅଲଗା। ନିର୍ବାଚନ ବେଳେ ରାଜନୈତିକ ଦଳମାନେ ପରିସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରନ୍ତି। ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। କିନ୍ତୁ ନିର୍ବାଚନ ପରେ ଜନମତ ଆଧାରରେ ବିଜୟୀ ଦଳ ସରକାର ଗଠନ କରନ୍ତି। ବିରୋଧୀ ଦଳର କିଛି ନେତା ମଧ୍ୟ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଆସନରେ ବସନ୍ତି। ସଂସଦ ବା ବିଧାନସଭାରେ ସେ ବିତର୍କ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଦେଖାନ୍ତି। କିନ୍ତୁ ଦେଶ ବା ରାରଜ୍ୟର ବିକାଶ ସହିତ କେହି ସାଲିସ କରିବା ଅନୁଚିତ। ଦେଶର ସୁରକ୍ଷା ଏବଂ ବିକାଶ ନିମନ୍ତେ ସମସ୍ତେ ଏକାଠି ହୋଇ କମାକ କରିବା ଉଚିତ। ଭାରତର କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ ସମୟରେ ବିରୋଧୀ ଦଳର କାର୍ଯ୍ୟକଳାପ ବିକାଶ ବିରୋଧୀ ହୋଇଥାଏ। ଯଦି ବିକାଶ ମୂଳକ କାମରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ଏହାକୁ ଦେଖାଇବା ବିରୋଧୀ ଦଳର ଦାୟିତ୍ୱ। ଶାସକ ଦଳର ନେତାମାନେ ଏ କ୍ଷେତ୍ରରେ ନିଜର ମତ ସ୍ୱାଧୀନ ଭାବେ ଉପସ୍ଥାପନ କରିବା ଉଚିତ। କିନ୍ତୁ ଭଲ କାମକୁ ବିରୋଧୀ ଉତ୍ସାହିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି , ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର-ରାଜ୍ୟ ଏକାଠି ହେବା ଉଚିତ। ଅର୍ଥାତ ରାଜ୍ୟରେ ବିରୋଧୀ ଦଳର ସରକାର ଥିଲେ ମଧ୍ୟ ସେମାନେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ଉଚିତ। ଏଥିରେ କେବଳ ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କର ମଧ୍ୟ ଦାୟିତ୍ୱ ରହିଛି। ଗୋଟିଏ ହାତରେ ତାଳି ବାଜେନି। ଦେଶର ବିକାଶ ନିମନ୍ତେ ଦୁଇ ହାତ ଅର୍ଥାତ କେନ୍ଦ୍ର ଏବଂ ରାଜ୍ୟ ଏକାଠି ହେବା ଉଚିତ। କେନ୍ଦ୍ର ସରକାର ଦେଶର ବିକାଶ ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି, ଅନେକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହା ଯେପରି ସଠିକ ଭାବେ କାର୍ଯ୍ୟକାରୀ ହୁଏ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ତାହାକୁ ସୁନିଶ୍ଚିତ କରିବା ଉଭୟଙ୍କ ଦାୟିତ୍ୱ। କିନ୍ତୁ ଅନେକ ସମୟରେ ଅଭିଯୋଗ ହେଉଛି କେନ୍ଦ୍ର ସରକାର ବିରୋଧୀ ଶାସିତ ରାଜ୍ୟମାନଙ୍କର ଦାବି ପ୍ରତି ଅବହେଳା କରୁଛନ୍ତି। ଉଦାହରଣ ସ୍ୱରୂପ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ନିୟମିତ ଅଭିଯୋଗ କରି ଆସୁଛନ୍ତି ଯେ, କେନ୍ଦ୍ର ସରକାର ରାଜ୍ୟର ହକ ଦେଉନାହାଁନ୍ତି। କେନ୍ଦ୍ର ସରକାର ରାଜ୍ୟର ପ୍ରାପ୍ୟ ପ୍ରଦାନ କରୁ ନାହାଁନ୍ତି। କେରଳ ମ୍ୟୁମନ୍ତ୍ରୀ ପିନରାଇ ବିଜୟନ ମଧ୍ୟ ସମାନ ଅଭିଯୋଗ କରି ଆସୁଛନ୍ତି। ମମତାଙ୍କର ମଧ୍ୟ ଏହା ଏକ ଧାରାବାହିକ ଅଭିଯୋଗ। ତେଣୁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସବୁ ବେଳେ ଟକ୍କର ଦେଖିବାକୁ ମିଳୁଛି।

# ସହାସ୍ୟ ଜୀବନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

“ ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧ୍ୟାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖା ଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି। ଏକବିଂଶ ଶତାବ୍ଦୀରେ, ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନ ଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ ଆମ ଦେଶକୁ ଦୌଡୁଛନ୍ତି।

ବିରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା' ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ି ଯାଏ ସହାସ୍ୟ ଜୀବନ ଯାପନ କଲେ। ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥି, ବନ୍ଧୁବାନ୍ଧବମାନେ ମଧ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ଜନ୍ମର ଧର୍ମ। ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହି ଦିନଠାରୁ ସେ ଖୁସିରେ ହିଁ ତା'ର ଦିନ ଅତିବାହିତ କରେ। ଯଦି ସେ କାନ୍ଦେ, ଯାହା ତା'ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ। ପିଲାକୁ ଭୋକ ହେଲାଣି, ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇତ୍ୟାଦି। କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା। କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ।

ମହାପୁରୁଷମାନେ, ଈଶ୍ୱରକୋଟୀ ପୁରୁଷମାନେ ଓ ଆଧ୍ୟାତ୍ମିକ ଗବେଷକମାନେ ତାଙ୍କ ଅଭିଜ୍ଞତା ଓ ଦୀର୍ଘ ଅନୁଭୂତିରୁ କହନ୍ତି, ବିରସ ଜୀବନର ପ୍ରମୁଖ କାରଣ ହେଉଛି, ଅତୃପ୍ତ କାମନା ବାସନା। ଆମ୍ଭେମାନେ ମଧ ସଂସାରରେ ଯେତିକି ବର୍ଷ ବିତାଇଲେଣି ନିରପେକ୍ଷ ଭାବେ ଦେଖିଲେ ଏଥିରେ ଏକମତ ହେବା। ଆମ୍ଭେମାନେ କାମନାବାସନା ଶୂନ୍ୟ ହୋଇପାରିବା ନାହିଁ। ଏହା ମଧ ଆମକୁ ଭଲ ଭାବେ ଜଣା ଯେ ଆମର ସମସ୍ତ କାମନା ବାସନା ପୂରଣ ହୋଇପାରିବ ନାହିଁ। ଆମେ ଚାହୁଁଥିବା ଅବଧି ଭିତରେ ପୂରଣ ହୋଇପାରିବ ନାହିଁ, ଆମ ଧନବଳ, ଜନବଳ, ବାହୁବଳ ବା ସାମାଜିକ ବଳ ଦ୍ୱାରା ପୂରଣ ହୋଇପାରିବ ନାହିଁ। ତେଣୁ ଯେତିକି ପୂରଣ ହେଲା ସେତିକିରେ ସନ୍ତୁଷ୍ଟ ହୋଇ ରହିବା ବା କାମନା ବାସନାର ସଂଖ୍ୟା କମାଇ ଦେବା ବିଜ୍ଞତାର ପରିଚୟ ହେବ। ଅପୂର୍ଣ୍ଣତାକୁ ନେଇ ଖୁସି ହେବା ପରିବର୍ତ୍ତେ ଯାହା ପାଇନେ ତାକୁ ଧରି ବସି ଦୁଃଖ କରିବା କି ବିଜ୍ଞତାର ପରିଚୟ?

ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହି ପାରିବ। ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖିର ଦୁଃଖ କେତେ ପରିମାଣରେ ଲାଘବ ହେବ? ହେବ କେବଳ ନିଜ ମାନସିକତା ଦ୍ୱାରା। ରାଜସିକ ଭାବ ସମ୍ପନ୍ନ ବ୍ୟକ୍ତି କହିବେ, 'ନେହିଁ ଛୋଡେଙ୍ଗେ, ପାକର ହିଁ ରହେଙ୍ଗେ' ସେଥିପାଇଁ ଦୌଡ଼ିବେ, ନିଦ ହଜାଇ ଦେବେ, ପଇସା ଉଡାଇ ଦେବେ, ନେତାଙ୍କୁ ଧରାଧରି କରିବେ ତଥାପି ଯଦି ସଫଳ ନହୁଅନ୍ତି ତେବେ ମିତ୍ରଙ୍କୁ ଶତ୍ରୁ ଭାବିବେ। ଆମ ବିଫଳତାର କାରଣ ଯିଏ ବୋଲି ସେ ଭାବିବେ ତା ଉପରେ ରକ୍ତ ଚାଉଳ ଚୋବାଇବେ। ପରିଣତି ଖରାପରୁ ଅଧିକ ଖରାପ ଆଡ଼କୁ ଯିବ ସିନା, ଭଲଦିନ ଆସିବା ସୁଦୂର ପରାହତ ହୋଇଯିବ। ଯଦି ବି ଭଲଦିନ ଅର୍ଥାତ୍ ଆମ କାମନା ବାସନା ଚରିତାର୍ଥ ହୋଇଯିବ ତାହା ଭୋଗ କରିବାକୁ ଆମ ମନ, ଇନ୍ଦ୍ରିୟ ଓ ଦେହର ଅବସ୍ଥା ଆଉ ଉପଯୁକ୍ତ ହୋଇ ରହି ନଥିବ। ଭୋଗ୍ୟବସ୍ତୁ ଆଉ ସେତେ ଭୋଗ୍ୟ ଜଣାପଡ଼ିବ ନାହିଁ, ତାହା ମାଦକତା ହରାଇ ବସିଥିବ। ଯାହା ମିଳିବ ହରାଇବା ତୁଳନାରେ କାହିଁ କେତେ ପରିମାଣରେ କେତେ ବାଟରେ ଚାଲିଯାଇଥିବ।

ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧ୍ୟାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖା ଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି। ଏକବିଂଶ ଶତାବ୍ଦୀରେ, ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନ ଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ ଆମ ଦେଶକୁ ଦୌଡୁଛନ୍ତି। ବହୁ ଅର୍ଥ ବ୍ୟୟ କରି, ବହୁ କଷ୍ଟ ସ୍ୱୀକାର କରି, ନିଜ ଦେଶରେ ବହୁ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି, ବହୁ ସମ୍ପତ୍ତି ଅନ୍ୟକୁ ହସ୍ତାନ୍ତର କରି ଭାରତକୁ ଆସି କ'ଣ ପାଇବେ, କ'ଣ ଏଠାରେ ଶିଖିବେ? ଯାହା ଶିଖିବେ ତା'ର ଉପଯୋଗ କଲେ ଟିକିଏ ହସି ପାରିବେ ମାତ୍ର। ଏଇ ଟିକିଏ ହସ ତାଙ୍କ ପାଇଁ କେତେ ମୂଲ୍ୟବାନ। କେବଳ ତାଙ୍କ ପାଇଁ ନୁହେଁ ଏହା ସମସ୍ତଙ୍କ ପାଇଁ ମୂଲ୍ୟବାନ। ଭାରତୀୟ ମାନଙ୍କ ରକ୍ତରେ ଆଧ୍ୟାତ୍ମିକତା ପ୍ରବାହିତ, ଭାରତୀୟମାନେ ପାନ କରୁଥିବା ଜଳରେ ଆଧ୍ୟାତ୍ମିକତା, ତାଙ୍କ ଶ୍ୱାସ ପ୍ରଶ୍ୱାସର ବାୟୁରେ ଆଧ୍ୟାତ୍ମିକତା, ତାଙ୍କ ଭାତ ପଖାଳରେ ଆଧ୍ୟାତ୍ମିକତା, ତାଙ୍କ ରାଖି ସୂତାରେ ଆଧ୍ୟାତ୍ମିକତା, ସେମାନେ ଚାଲୁଥିବା ମାଟିରେ ଆଧ୍ୟାତ୍ମିକତା, ସେମାନେ ଗାଉଥିବା ଗୀତରେ ଆଧ୍ୟାତ୍ମିକତା, ସେମାନଙ୍କ ପିତାମାତା ଠାକୁର ଠାକୁରାଣୀ, ସହୋଦର ସହୋଦରା ଠାକୁରଙ୍କ ପ୍ରତିରୂପ। ସେମାନଙ୍କ ବାସଗୃହ ଭଗବାନଙ୍କ ନିଳୟ। ସେଥିପାଇଁ ହସିବା ତାଙ୍କ ପାଇଁ ସହଜାତ ଓ ସହଜ। ଆଧ୍ୟାତ୍ମିକତାର ଯଦି କିଛି ମୂଲ୍ୟ ଥାଏ ହସର ମୂଲ୍ୟ ମଧ ସେତିକି। କାରଣ ଆଧ୍ୟାତ୍ମିକ ସାଧନା ସେତିକି ଗଭୀରତର ହେଲେ ଯାଇ ଜଣେ ମଧୁର ହସ ହସିପାରିବ। କୃତ୍ରିମ ହସ, ଅଭିନୟ ହସ, ଅଭିସନ୍ଧିମୂଳକ ହସ କ'ଣ ଆଧ୍ୟାତ୍ମିକ ହସ ସହ ତୁଳନା ହୋଇପାରିବ? କେବେହେଲେ ନୁହେଁ।

ଆଉ ଏକ ମାର୍ଗ ଅଛି ଅତି ସହଜ, ସାଧନା ସାପେକ୍ଷ ନୁହେଁ ତାହାପାଇଁ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ, କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଡିଗ୍ରୀ ହାସଲ କରିବାକୁ ପଡ଼ିବ ନାହିଁ, ଉଚ୍ଚ କୂଳରେ ଜନ୍ମ ହେବାକୁ ପଡ଼ିବ ନାହିଁ, ଦୀକ୍ଷା ନେବାକୁ ପଡ଼ିବ ନାହିଁ, ବ୍ରତ ପିନ୍ଧିବାକୁ ପଡ଼ିବ ନାହିଁ, ତାହା ହେଉଛି ନିରୋଳା ଭଲ ପାଇବା। ନିସର୍ତ୍ତ, ନିଃସ୍ୱାର୍ଥ, ନୀରଭିମାନ, ନରହଂକାର ପ୍ରେମଭାବ। କୌଣସି ପ୍ରତ୍ୟାଶା ନରଖି କେବଳ ଭଲ ପାଇବା, ଜୀବନ ପରିସର ଭିତରକୁ ଯିଏ ଆସିଲା ତାକୁ ଭଲ ପାଇବା, ଆମକୁ ହତାଦର କରୁଥିବା ଲୋକକୁ ମଧ ଭଲ ପାଇବା। ଅପମାନ ମିଳିପାରେ, ପ୍ରତ୍ୟାଘାତ ମିଳିପାରେ, କେତେଜଣଙ୍କ ପାଖରେ ଠକାମୀରେ ପଡ଼ିଯାଇପାରୁ, ସେଠାରେ ସତର୍କ ହୋଇଯିବା ସିନା ତା'ପ୍ରତି ଘୃଣା ଭାବ ପୋଷଣ କରିବା ନାହିଁ। ସେ କରିଥିବା କର୍ମକୁ ଘୃଣା କରାଯାଉ, ଦେଖିବା ଯେମିତି ତାହା ଆମ ଦ୍ୱାରା ନ ହେଉ, ବ୍ୟକ୍ତିକୁ ଘୃଣା ନକରି ସତର୍କତା ଅବଲମ୍ବନ କରି ନେବାକୁ ହେବ। ଏହି ମାର୍ଗରେ ଚାଲୁ ଚାଲୁ କୌଣସି ଠାରେ ଠୋକର ଖାଇବାକୁ ପଡ଼ିପାରେ। ସେତେବେଳେ ଭାବିବେ ନାହିଁ ଯେ ମୋ ଖୁସି ଭାବ ଯୋଗୁଁ ମୁଁ ଠୋକର ଖାଇଲି। ଅପର ପକ୍ଷର ଠୋକର ଦେବା ଗୁଣ ଯୋଗୁଁ ସେ ଠୋକର ଦେବାକୁ ସୁଯୋଗ ପାଇଲା। ନିଜ ପ୍ରେମଭାବ ଅତୁଟ ରଖିବାକୁ ହେବ। ଆମେ ତ କାହା ଦେହକୁ ପ୍ରେମ କରୁନେ, କାହାଧନକୁ ପ୍ରେମ କରୁନେ, କାହା ସୌନ୍ଦର୍ଯ୍ୟକୁ ପ୍ରେମ କରୁନେ, ଜଣଙ୍କର ଦେହ, ମନ ବୁଦ୍ଧି, ବିଚିକ୍ଷଣତା, ପାରଦର୍ଶିତା ପ୍ରଭୃତି ଯାହାଦ୍ୱାରା ଚଳତ୍‌ଶକ୍ତି ପ୍ରାପ୍ତ ହୋଇଛି ସେହି ଅଦୃଶ୍ୟ ଆତ୍ମାକୁ ପ୍ରେମ କରୁଛୁ। ସେହି ଆତ୍ମା ହିଁ ପ୍ରେମ୍ୟ। ଈଶ୍ୱର ବିଶ୍ୱାସୀମାନେ କହନ୍ତି ଜୀବନରେ ଯାହା ଘଟୁଛି ତାହା ସବୁ ସେହି ଈଶ୍ୱରଙ୍କ ଦ୍ୱାରା ହିଁ ହେଉଛି। ତେଣୁ ଯେଉଁ ପ୍ରତିକୂଳ ପରିସ୍ଥିତିମାନ ଆସିଛି ତାହା ମଧ ସେହି ଈଶ୍ୱରଙ୍କ ଉପହାର ଆମ ପ୍ରତି। ପ୍ରତିକୂଳ ପରିସ୍ଥିତିରେ ଭଲ ଭଲ ଜ୍ଞାନ ଉଦୟ ହୁଏ। ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାର ବୁଦ୍ଧି ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବା ପାଇଁ ପ୍ରାର୍ଥନାକୁ ବଳବତ୍ତର କରିବାର ଇଚ୍ଛା ଦୃଢ଼ରୁ ଦୃଢ଼ତର ହୋଇଥାଏ। ଭଗବାନଙ୍କ ଇଚ୍ଛାରେ ମିଳୁଥିବା ସବୁକିଛିକୁ ଭଲ ବୋଲି କହିବା ହିଁ ଭକ୍ତି। ଈଶ୍ୱରଙ୍କ କୌଣସି ଉପହାରକୁ ନିନ୍ଦା କରି କେହି କେବେ ତାଙ୍କ ପ୍ରିୟ ହେଲାଣି? ତାଙ୍କ ପ୍ରିୟ ହେବା ନ ହେବା ସବୁ କିଛି ମଣିଷ ହାତରେ ହିଁ ଅଛି। ତେଣୁ ଗୀତା କହେ 'ସନ୍ତୁଷ୍ଟ ସତତଂ ଯୋଗୀ' ସର୍ବଦା ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ତେବେ ଯାଇ ଜଣେ ସର୍ବଦା ହସିପାରିବ।


ଅଲିଶା ବଜାର, କଟକ

ଦୂରଭାଷ : ୯୩୩୭୨୪୨୯୫୫


# ନିରାପଦ ଓ ବୈଧ ଗର୍ଭପାତ

॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥

ଯେଉଁ ଏକଲା ରହୁଥିବା ଓ ଅବିବାହିତା ମହିଳାମାନଙ୍କର ଗର୍ଭ ଧାରଣ ୨୦ରୁ ୨୪ ସପ୍ତାହ ମଧରେ ରହିଛି, ସେମାନେ ସପ୍ତାହକ ଭିତରେ ନିରାପଦ ଓ ଆଇନଗତ ଗର୍ଭପାତ କରିପାରିବେ ବୋଲି ଅନୁମତି ଦେଇ ସୁପ୍ରିମକୋର୍ଟ ମହିଳାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଶୁଣାଇଛନ୍ତି। ଜଷ୍ଟିସ ଡି.ଓ୍ୱାଇ.ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଓ ତାଙ୍କର ଏକ ବେଞ୍ଚ ୧୯୭୧ରୁ ପ୍ରଣୀତ ଗର୍ଭନଷ୍ଟ ଆଇନାରେ ଗର୍ଭପାତ ଚାହୁଁଥିବା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧରେ ରହିଥିବା ଅସତ୍ୟ ପାର୍ଥକ୍ୟକୁ ହଟାଇ ଦେଇଛନ୍ତି। ୫୧ ବର୍ଷର ଉପରୋକ୍ତ ଆଇନରେ ଅବିବାହିତା ମହିଳାମାନେ ଆଇନଗତ ପଦ୍ଧତିରେ ୨୪ ସପ୍ତାହର ଗର୍ଭଧାରଣକୁ ବି ଗର୍ଭପାତ ଜରିଆରେ ଭାଙ୍ଗିବା ପାଇଁ ଅନୁମତି ନଥିଲା। ତଦ୍ୱାରା ଉକ୍ତ ଆଇନ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଲାଗି ଏକ ଅବାସ୍ତବ ତଥା ନିଷ୍ପା ଦୋହରା ବ୍ୟବସ୍ଥା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧରେ ସୃଷ୍ଟି କରିଥିଲା। ଦୁର୍ଭାଗ୍ୟର ବିଷୟ ଯେ, ଆମର ସାମାଜିକ ବ୍ୟବସ୍ଥାରେ ରହି ଆସିଥିବା ପୁରୁଣାକାଳିଆ ଚିନ୍ତାଧାରା ଯେ କେବଳ ବିବାହ ପରେ ହିଁ ଗର୍ଭଧାରଣ ସମ୍ଭବ ତାକୁ ଏହାଦ୍ୱାରା ଆଇନଗତ ମୋହର ଦିଆଯାଇଥିଲା। ସମୟ ବଦଳିବା ସାଙ୍ଗକୁ ମହିଳାଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଚଳି ଆସିଥିବା ଦୃଷ୍ଟିଭଙ୍ଗୀକୁ ବଦଳାଇ ସାରିଲାଣି। ସେ ଯାହା ହେଉ ପରିଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗ ବାସ୍ତବବାଦୀ ଅଭାମୁଖ୍ୟ ନେଇଛନ୍ତି।

୧୯୭୧ରେ ଉପରୋକ୍ତ ଆଇନ ଏକଲା ବା ଅବିବାହିତା ଗର୍ଭବତୀ ମହିଳାଙ୍କର ବାଧତାମୂଳକ ଗର୍ଭପାତ ବିରୋଧରେ ଯାଉଥିଲା। ଏଣୁ ସେମାନେ ବେଆଇନ ଭାବରେ ଲୁଚାଇ ଗର୍ଭପାତ କରୁଥିଲେ ଯାହା ନିରାପଦ ନଥିଲା। ତଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିଲା। ବେଆଇନ ଗର୍ଭପାତକୁ ନେଇ ଅନେକ ଡାକ୍ତର, ଘରୋଇ କ୍ଲିନିକ ଓ ସ୍ୱାସ୍ଥ୍ୟକର୍ମୀ ଅଧିକ ଅର୍ଥ ରୋଜଗାର କରୁଥିଲେ। କାରଣ ଅବିବାହିତା ଯୁବତୀ ବା ଏକଲା ରହୁଥିବା ମହିଳା ଗର୍ଭପାତ କରାଇଲେ ବଦନାମର ଆଶଙ୍କା ବଢ଼ିଥାଏ। ଭାରତୀୟ ସମାଜରେ ଏହା ଏକ ବଡ଼ ସମସ୍ୟା। ମହିଳାଙ୍କର ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅପ୍ରିୟ ସତ କଥା ହେଲା ଏକଲା ଓ ଅବିବାହିତା ମହିଳା ଅନେକ ସମୟରେ କମ ବୟସରେ ଗର୍ଭଧାରଣ କରିଥାନ୍ତି। ଯାହା ପୁରୁଷବନ୍ଧୁଙ୍କ ସହ ସମ୍ପର୍କ ଯୋଗୁଁ ଇଚ୍ଛା ବିରୋଧରେ ମଧ ହୋଇଥାଏ। ସେମାନଙ୍କ ପାଇଁ ଆଇନଗତ ନିରାପଦ ଗର୍ଭପାତ ବ୍ୟବସ୍ଥା ଆବଶ୍ୟକ। ନଚେତ ପରବର୍ତ୍ତୀ କାଳରେ ଏହି ମହିଳାମାନେ କେବଳ ଯେ ସ୍ୱାସ୍ଥ୍ୟ ସମସ୍ୟା ଭୋଗିବେ ତାହା ନୁହେଁ ଅନ୍ୟାନ୍ୟ ଅପ୍ରୀତିକର ପରିସ୍ଥିତି ମଧ ସୃଷ୍ଟି ହୋଇପାରେ। ଏବେ ସେମାନେ ବୈଧ ଗର୍ଭପାତର ସ୍ୱାଧୀନତା ସୁପ୍ରିମକୋର୍ଟଙ୍କ ଦ୍ୱାରା ପାଇଛନ୍ତି। କିନ୍ତୁ ତାର ଅର୍ଥ ନୁହେଁ ଯେ ତଳସ୍ତରରେ ପରିସ୍ଥିତି ସେମାନଙ୍କ ପାଇଁ ହଠାତ ଅନୁକୂଳ ହୋଇଯିବ। ପ୍ରଜନନ ସ୍ୱାସ୍ଥ୍ୟସେବା ଉଦ୍ୟୋଗ ବିଶେଷ ଭାବରେ ଗର୍ଭପାତ କ୍ଲିନିକ ଗୁଡ଼ିକରେ କାମ କରୁଥିବା ମେଡ଼ିକାଲ ଷ୍ଟାଫ ଯଥା ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସମ୍ପର୍କରେ ସଚେତନ ହେବା ଦରକାର। ଆଇନ ଅନୁସାରେ ବିବାହ ଓ ଗର୍ଭଧାରଣ ମଧରେ ଆଉ କୌଣସି ସମ୍ପର୍କ ନାହିଁ ବୋଲି ସେମାନେ ସମସ୍ତେ ବୁଝି ତଦନୁସାରେ ଗର୍ଭପାତ ଲାଗି ଆସୁଥିବା ମହିଳା ମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆବଶ୍ୟକ। ଜଷ୍ଟିସ ଚନ୍ଦ୍ରଚୂଡ଼ ରାୟରେ ସମ୍ବିଧାନର ୨୧ ଓ ୧୪ ଧାରାକୁ ଉଲ୍ଲେଖ କରିଥିବାରୁ ପ୍ରଜନନ ସ୍ୱାଧୀନତାର ବିଚାରଧାରା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିରେ ପ୍ରକଟିତ ହୋଇଛି। ଏହାକୁ ଭାରତ ପରି ବିକାଶଶୀଳ ଦେଶରୁ ସମୃଦ୍ଧ ବିଶ୍ୱର ଶ୍ରେଷ୍ଠ ପ୍ରତିନିଧି ଆମେରିକା ଶିକ୍ଷଣୀୟ ସନ୍ଦେଶ ଭାବେ ନେବା କଥା। କାରଣ ଗତ ଜୁନ ମାସରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ସେଠାକାର ମହିଳାଙ୍କର ଗର୍ଭପାତ ଅଧିକାର ଓ ସ୍ୱାଧୀନତାକୁ ନେଇଯାଇଛନ୍ତି। ଯଦିଓ ଆମେରିକାରେ ୧୯୭୩ରେ ସେଠାରେ ଯୁଗାନ୍ତକାରୀ ରୋ ବନାମ ଓ୍ୱେଡ଼ ରାୟରେ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଥିଲା କିନ୍ତୁ ଏବେ ଉକ୍ତ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସେହି ପ୍ରଗତିଶୀଳ ରାୟକୁ ଅସିଦ୍ଧ କରିଦେଇଛନ୍ତି। ତଦ୍ୱାରା ଆମେରିକୀୟ ମହିଳାମାନେ ସେମାନଙ୍କ ଗର୍ଭଧାରଣକୁ ରଖିବେ ନା ଭାଙ୍ଗି ଦେବେ ସେହି ସ୍ୱାଧୀନତା ସେମାନେ ହରାଇଛନ୍ତି। ୧୯୭୦ ଦଶକରେ ବିଶ୍ୱବ୍ୟାପୀ ନାରୀ ଆନ୍ଦୋଳନ ସହ ଗଢ଼ି ଉଠିଥିଲା ଯେଉଁଥିରେ ମହିଳାମାନେ ନିଜ ଶରୀର ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଦାବି କରିଥିଲେ। ଭାରତୀୟ ନ୍ୟାୟପାଳିକା ଏହି ସ୍ୱାଧୀନତାକୁ ସମ୍ପ୍ରସାରିତ କରିଥିବାବେଳେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ସେ କ୍ଷେତ୍ରରେ ପଛକୁ ଚାଲିଯାଇଛି। ଭାରତରେ ପ୍ରକୃତରେ ୧୯୭୧ରୁ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଛି। ତଦନୁସାରେ ସବୁ ମହିଳା ରେଜିଷ୍ଟ୍ରିଭୁକ୍ତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଗର୍ଭଧାରଣର ୨୦ ସପ୍ତାହ ମଧରେ ଗର୍ଭପାତ କରିପାରିବା କଥା। ଗତବର୍ଷ ଆଇନର ସଂଶୋଧନ କରାଯାଇ ଏହି ସମୟ ସୀମାକୁ ୨୪ ସପ୍ତାହ ବଢ଼ାଯାଇଥିଲା। କିନ୍ତୁ ଏହା କେବଳ ବିବାହିତା ମହିଳା ଛାଡ଼ପତ୍ର ପାଇଥିବା ନାରୀ, ବିଧବା, ନାବାଳିକା, ଅକର୍ମଣ୍ୟ ଓ ମାନସିକ ଅସୁସ୍ଥ ମହିଳା, ଯେଉଁମାନଙ୍କର ଭ୍ରୁଣରେ ଗୁରୁତର ଅନିୟମିତତା ରହିଛି ଏବଂ ଯେଉଁମାନେ ଯୌନ ଆକ୍ରମଣ ଓ ଦୁଷ୍କର୍ମରୁ ଗର୍ଭବତୀ ହୋଇଛନ୍ତି ଯେ, ଯେଉଁ ଅବିବାହିତା ମହିଳା ସ୍ୱେଚ୍ଛାରେ କାହା ସହ ସମ୍ପର୍କ ରଖିଥିଲେ ସେ ମଧ ପ୍ରଜନନ ସ୍ୱାଧୀନତାର ଅଧିକାର ପାଇବାକୁ ହକଦାର। ଦାମ୍ପତ୍ୟ ଦୁଷ୍କର୍ମକୁ ନେଇ ବିବାଦ ଉଠିଥିଲେ ମଧ ଏଯାଏ ତାକୁ ଦେଶରେ ଅପରାଧ ବୋଲି ଧରାଯାଇନାହିଁ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏବେକାର ନ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଗର୍ଭପାତ ଆଇନ ଅଧିନରେ ଦୁଷ୍କର୍ମର ସଂଜ୍ଞାରେ ଦାମ୍ପତ୍ୟ ଦର୍ଶନକୁ ବି ଅନ୍ତର୍ଭୁକ୍ତ କରାଯିବା ଉଚିତ। ଦୁଷ୍କର୍ମରୁ ବଞ୍ଚିଥିବା ମହିଳାଙ୍କ ପରି ଯେଉଁ ନାରୀମାନେ ନିଜ ଇଚ୍ଛା ବିରୋଧରେ ସ୍ୱାମୀଙ୍କ ଠାରୁ ଗର୍ଭଧାରଣ କରିଛନ୍ତି ସେମାନେ ମଧ ଯୌନ ପୀଡ଼ିତାଙ୍କ ଶ୍ରେଣୀରେ ସାମିଲ ହେବାକଥା ବୋଲି କୋର୍ଟ କହିଛନ୍ତି। ସମଗ୍ର ରାୟଟି ସ୍ୱାଗତଯୋଗ୍ୟ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬,


# ପିଲାଙ୍କୁ ନଷ୍ଟ କରୁଛି ମୋବାଇଲ

॥ ଇଂ. ପ୍ରକାଶ ଚନ୍ଦ୍ର ଭୂୟାଁ ॥

ମୋବାଇଲ ଜ୍ଞାନର ଗନ୍ତାଘର ପାଲଟିଥିବାବେଳେ ଏହି ମୋବାଇଲ ଏବେ କିଛି କ୍ଷେତ୍ରରେ ବିନାଶର କାରଣ ପାଲଟିଲାଣି। କେଉଁଠି ମୋବାଇଲ ପାଇଁ ଏ ଜୀବନ ହାରିଲାଣି ତ କେଉଁଠି ମୋବାଇଲ ପାଇଁ ନିଜ କର୍ମକ୍ଷେତ୍ରରେ ଜଞ୍ଜାଳ ବଢ଼ିଗଲାଣି। ବିଶେଷକରି ପିଲାମାନଙ୍କ ମୋବାଇଲ ବ୍ୟବହାର କ୍ଷେତ୍ରରେ ସୀମା ଲଂଘୁଥିବାରୁ ଏହା ବଡ଼ ଜଟିଳତମ ଓ ଉତ୍କଟ ଘଟଣା ସଂଗଠିତ କଲାଣି। ଏମିତି ଏକ ସମୟ ଆସିଛି ମୋବାଇଲ ବିନା ବଞ୍ଚିବା ମୁସ୍କିଲ ହୋଇପଡ଼ିଛି। ସ୍ମାର୍ଟଫୋନ ନଥିଲେ ଅନେକ ଜାଗାରେ ଆପଣଙ୍କ କାମ ଅଟକି ଯିବାର ସମ୍ଭାବନା ରହିଛି। ଅନେକ ସମୟରେ ଗାଁର ଗରିବ ନିରକ୍ଷର ଲୋକଙ୍କୁ ମଧ ଇ-ମେଲ ଆଇଡି ଦେବାକୁ କୁହାଯାଉଛି କୌଣସି ଅନଲାଇନ ଆବେଦନ କଲାବେଳେ। ଇ-ମେଲ ଆଇଡି ନ ଦେଲେ କମ୍ପ୍ୟୁଟର ଗ୍ରହଣ କରୁନି ଆବେଦନ। ଗରିବ ଲୋକଟିଏ ଓଳିଏ ଖାଇ ଓଳିଏ ଉପାସ ରହିଲେ ମଧ ତା ପାଖରେ ସ୍ମାର୍ଟଫୋନ ରହିବା ନିହାତି ଦରକାର ଏକଥା ସରକାର କେମିତି ଭାବୁଛନ୍ତି ସେଇଟା ହିଁ ବିଡ଼ମ୍ବନା। ଆମ ସରକାର ହିଁ ଲୋକଙ୍କୁ ମୋବାଇଲ ନିଶାରେ ପକାଇଛନ୍ତି। ସେଇ ମୋବାଇଲରେ କ୍ୟାସଲେସ ନେଣଦେଣ ହୋଇପାରୁଛି। ସାଇବର ଲୁଟେରାମାନେ ଟଙ୍କା ଲୁଟି ନେଲେ ଶୁଣିବାକୁ କେହି ନାହାନ୍ତି। ଆଗକୁ ମୋବାଇଲର ଅଭ୍ୟାସ ଛଡ଼ାଇବା ପାଇଁ ହୁଏତ ଯୋଜନା ମଧ ହୋଇପାରେ। ଯେମିତି ମଦ ନିଶା ଛଡ଼ାଇବା ପାଇଁ ଯୋଜନା କରାଯାଉଛି।

ପିଲାଙ୍କୁ ନଷ୍ଟ କରୁଛି ମୋବାଇଲ। ପାଠ ଆରମ୍ଭ କରିବା ପାଇଁ ଆଗରୁ ସିଲଟ-ଖଡ଼ି ଦରକାର ହେଉଥିଲା ଏବେ ମୋବାଇଲ ଦରକାର ହେଉଛି। ସେ ପୁଣି ଏମିତି ସେମିତି ମୋବାଇଲ ନୁହେଁ, ସ୍ମାର୍ଟଫୋନ ହେବା ଦରକାର। ନର୍ସରୀ ପିଲାଙ୍କର ମଧ ଅନଲାଇନ କ୍ଲାସ ହେଉଛି। କୋଳର ଛୁଆ ମୋବାଇଲ ନଦେଖିଲେ ଖାଉନି। ଆଗରୁ ଜହ୍ନ ଦେଖାଇ ମା'ମାନ ଖୁଆଉଥିଲେ ପିଲାଙ୍କୁ। ଆଜିର ମମିମାନେ ସ୍ମାର୍ଟଫୋନ ଦେଖାଇ ସେମାନଙ୍କୁ ଖୁଆଉଛନ୍ତି।

ଜନ୍ମ ହେଉ ହେଉ ଏବେ ପିଲାଏ ସ୍ମାର୍ଟଫୋନର ନିଶାରେ ପଡ଼ିଯାଉଛନ୍ତି। ଏଥିରୁ ନିସ୍ତାର ମିଳିବ କେମିତି? ଦିନେ ଏ ନିଶା ପାଇଁ ବିଭିନ୍ନ ଶାରୀରିକ ସମସ୍ୟା ଯେ ନ ଉପୁଜିବ ଏକଥା କହିହେବନି। ଅତ୍ୟଧିକ ମୋବାଇଲ ବ୍ୟବହାର ଫଳରେ ଆଖି ଏବଂ କାନ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ନିକଟରେ ପ୍ରକାଶିତ ମୋବାଇଲ ନିଶା ସମ୍ପର୍କିତ ଏକ ଖବର ଅନେକଙ୍କ ବାପା ମାଆଙ୍କୁ ବିଚଳିତ କରିଥିବ। ମୋବାଇଲ ପାଇଁ ବାଲେଶ୍ୱର ଏବଂ ଖୋର୍ଦ୍ଧାରେ ଦୁଇଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏ ଖବର ପଢ଼ି ଅନ୍ୟ ବାପାମାଆମାନେ ଚିନ୍ତାରେ ପଡ଼ିଛନ୍ତି। ଖବର ଦୁଇଟି ଏଇଭଳି ଭାଗ୍ୟଶ୍ରୀ ବାଲେଶ୍ୱର ଅନନ୍ତପୁର ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରୀ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ପାଠ ନପଢ଼ି ମୋବାଇଲ ଦେଖୁଥିଲା। ମୁଣ୍ଡ ଉପରେ ମାଟ୍ରିକ ବୋର୍ଡ଼ ପରୀକ୍ଷା ଥିବାରୁ ମା'ଆକଟ କରିବା ସହିତ ଗାଳି କରିଥିଲେ। ଏତିକିରେ ଭାଗ୍ୟଶ୍ରୀ ନିଜ ଶୋଇବା ଘରେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଥିଲେ। ଅନ୍ୟ ଘଟଣାଟି ଖୋର୍ଦ୍ଧା ସେଭେନଥ ଡେ' ଆଡ଼ଭେନଟିସ ମିସନାରୀ ବିଦ୍ୟାଳୟର ଅନ୍ତେବାସୀ ଦଶମ ଶ୍ରେଣୀ ଛାତ୍ର ପବିଲାସି ହଷ୍ଟେଲରେ ମୋବାଇଲର ମନାଥିବା ସତ୍ତ୍ୱେ ପାଖରେ ମୋବାଇଲ ରଖିଥିବାରୁ ଛାତ୍ରାବାସ ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ ଠାରୁ ମୋବାଇଲ ଛଡ଼ାଇନେବା ପରେ ଛାତ୍ର ଜଣଙ୍କ ଆତ୍ମହତ୍ୟା କରିଥିଲେ। ପରଦିନ ସକାଳେ ପବିଲାସଙ୍କ ମୃତ ଦେହ ଛାତ୍ରାବାସ ସମ୍ମୁଖ ଆମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସ୍ମାର୍ଟଫୋନ ଅଧିକାଂଶ ସମୟରେ କଅଁଳ ବୟସର ପିଲାମାନଙ୍କୁ ବିପଥଗାମୀ କରାଉଛି। ଅନେକ ଆପତ୍ତିଜନକ ତଥ୍ୟ ଏବଂ ଭିଡ଼ିଓ ମଧ ସେମାନେ ଦେଖୁଛନ୍ତି। ଅପରାଧିକ ଚିତ୍ର ଦେଖି ଦେଖି ଅନେକ ସମୟରେ ସେମାନେ ଅପରାଧପ୍ରବଣ ହୋଉଥିବାର ଖବର ମଧ ପ୍ରକାଶ ପାଉଛି। ଅଶ୍ଳୀଳ ଭିଡ଼ିଓ ଦେଖି ନାବାଳକଙ୍କ ପାଖରେ ମଧ ଯୌନ ବିକୃତ ମାନସିକତା ସୃଷ୍ଟି ହେଉଛି। ଫଳରେ କମ ବୟସର ପିଲାଏ ମଧ ଅପରାଧିକ ଘଟଣା ଘଟାଉଛନ୍ତି। ତେଣୁ ମୋବାଇଲ ଠାରୁ ପିଲାଙ୍କୁ କିଭଳି ଦୂରେଇ ରଖାଯାଇପାରିବ ସେ ଦିଗରେ ଚିନ୍ତା କରିବାର ସମୟ ଆସିଛି।


ଟାଟାଷ୍ଟିଲ, ମେରାମୁଣ୍ଡଳୀ, ଢେଙ୍କାନାଳ

ଦୂରଭାଷ : ୭୯୭୮୯୨୭୭୬୫



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ବ୍ଲକ ସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି ଅନୁଷ୍ଠିତ

ଉଦଳା, (ମହାଭାରତ): ଆଜିର ଶିଶୁ ଆସନ୍ତାକାଲିର ନାଗରିକ, ଉତ୍ତମ ରାଷ୍ଟ୍ର ଗଠଣର ନିୟାମକ ଭାବେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହିତ ସୁନାଗରିକ ଭାବେ ଗଢି ତୋଳିବା ପାଇଁ ସେମାନଙ୍କ ପରେ ଅର୍ନ୍ତନିହିତ ପ୍ରତିଭାର ବିକାଶ ଜରୁରୀ । ଏ ଦିଗରେ ସୁରଭି ମଞ୍ଚ ପ୍ରେରଣା ଓ ପ୍ରଦର୍ଶନର ଏକ ପ୍ରକୃଷ୍ଟ ମଞ୍ଚ ବୋଲି ଶୁକ୍ରବାର ଦିନ ରାଢୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(କେଜିବିଭି) ପରିସରରେ ଅନୁଷ୍ଠିତ ଉଦଳା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ ମିଶ୍ରଙ୍କ ସଭାପତିତ୍ୱରେ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମିନତୀ ମଞ୍ଜରୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ସୁରଭି ମଞ୍ଚର ଉଦଘାଟନୀ ଆସରରେ ବରେଣ୍ୟ ଅତିଥି ଭାବେ ଉଦଳା ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ବାରିକ, ପ୍ରଧାନଶିକ୍ଷୟିତ୍ରୀ ରାଢୋ ଉପ୍ରା ମାଳତୀ ବେହେରା ଏବଂ ଉଦଯାପନ ସମାରୋହରେ ମାନ୍ୟବର ଉଦଳା ବିଧାୟକ ଭାସ୍କର ମଢେଇ, ସେବାନିବୃତ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶିକ୍ଷକ ପ୍ରଶିକ୍ଷକ, ବାରିପଦା ପ୍ରିୟରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଠାର ନିହିତ ପ୍ରତିଭାର ବିକାଶ ପାଇଁ ବକ୍ତବ୍ୟମାନ ରଖିଥିଲେ । ସଫଳତା ପାଇବାକୁ ହେଲେ ଅବିରତ ଅଟଳ ପ୍ରୟାସ, ଅଦମ୍ୟ ସାହସ, ଦୃଢ ମନୋବଳ, ସହନଶୀଳତା ସର୍ବୋପରି ଲକ୍ଷ୍ୟ ପୂରଣର ଚାବିକାଠି ଅଗାଧ ପରିଶ୍ରମକୁ ପାଥେୟ କରିବାକୁ ହେବ ବୋଲି ଅତିଥିମାନେ ପରାମର୍ଶ ପ୍ରଦାନ କରିଥିଲେ । ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ବ୍ଲକ ଅନ୍ତର୍ଗତ ୧୨ ଗୋଟି କ୍ଲଷ୍ଟରର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ଅଭିଭାବକ, ଅଭିଭାବିକା ଆଦିମାନଙ୍କୁ ନେଇ ସୁନ୍ଦର ସାଜସଜ୍ଜା ସହ ଏକ ଭରପୁର ମଞ୍ଚରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବିଭିନ୍ନ ଲୋକକଳା,ଆଦିବାସୀ ନୃତ୍ୟ, ସାମାଜିକ ମୂଲ୍ୟବୋଧକ ନୃତ୍ୟ, ଓଡିଶାର କଳା ସଂସ୍କୃତି ଆଧାରିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସମସ୍ତ ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ କି, ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା ସହ ସଙ୍ଗୀତ, ବକ୍ତୃତା, ତର୍କ, ସୃଜନଶୀଳ ଲିଖନ, ପ୍ରବନ୍ଧ, ହସ୍ତଶିଳ୍ପ, ପୋଷଣ, ଚିତ୍ରାଙ୍କନ ଆଦି ୩୨ ପ୍ରକାରର ପ୍ରତିଯୋଗିତା ଜୁନିୟର ଓ ସିନିୟର ଗ୍ରୁପ ମଧ୍ୟରେ ଆୟୋଜନ କରାଯାଇଥିଲା । ପ୍ରକାଶଯୋଗ୍ୟ କି, ସମସ୍ତ ବର୍ଗରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବିଜେତାମାନେ ଆଗାମୀ ଜିଲ୍ଲାସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବେ । ଲଳିତ କୁମାର ବେହେରା, ଶାନ୍ତନୁ କୁମାର ଦାଶ, ତପନ କୁମାର ମିଶ୍ର, ଦୀପକ ଦାସ, ମହେଶ୍ୱର ରାଉତ, ଗୌରାଙ୍ଗ ପାଲ, ନନ୍ଦନ ପଣ୍ଡା, ଆଲୋକ ପରିଡା, ଭାନୁ ପ୍ରସାଦ ପାତ୍ର, ବୈଶାଖୀ ସାହୁ, ଗୌରକିଶୋର ବିନ୍ଧାଣୀ, ପ୍ରମୋଦ କୁମାର ସାହୁ ପ୍ରମୁଖ ୧୨ ଜଣ ସିଆରସିସି ଏବଂ ଉମାକାନ୍ତ ନନ୍ଦ, ତାପସ ନନ୍ଦ, ପରେଶ ବିଦ୍, ସରସ୍ୱତୀ ଟୁଡୁ, ପ୍ରୀତିମୟୀ ଟୁଡୁ, ଭକ୍ତିପ୍ରସନ୍ନ ବିଭୁଦତ୍ତ ବିନ୍ଧାଣୀ, ଶାନ୍ତନୁ ନାୟକ, ରଚିତା ରାଉତ, ଭାରତୀମଣି ପୃଷ୍ଟି, ଅସୀମା ଅରୁନ୍ଧତୀ, ପ୍ରଜ୍ଞା ପଦ୍ମଗନ୍ଧା ଦାସବାବୁ, ମିନାକ୍ଷୀ ମିଶ୍ର, ତପନ ମହାନ୍ତ, ଉର୍ମିଳା ପାଢୀଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ସୁରଭି କାର୍ଯ୍ୟକ୍ରମ ଆୟୋଜନରେ ବିଭିନ୍ନ ସଂପୃକ୍ତଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ ।

## କାଡା କମିଟିର ଧାରଣା: ତହସିଲଦାର ଓ ଆଇଆଇସିଙ୍କ ଆଲୋଚନା ପରେ ଶାନ୍ତିପୂର୍ଣ୍ଣ ଭାବେ ଉଠିଲେ ଆନ୍ଦୋଳନକାରୀ





ଲକ୍ଷ୍ମୀପୁର, (ମହାଭାରତ) କୋଡିଙ୍ଗମାଳିରେ ୩ ରୁ ୬ ମିଲିୟନ୍ ଟନ୍ ଖଣି ଖନନ ବୃଦ୍ଧିକୁ ରୋକିବା ଓ ବେଦାନ୍ତ କମ୍ପାନୀକୁ କୋଡିଙ୍ଗାମାଳିର ବକ୍ସାଇଟ୍ ଯୋଗାଣ ବନ୍ଦ କରିବା ଦାବିରେ, ଓଡିଶା ଖଣି ନିଗମ ଲକ୍ଷ୍ମୀପୁର କାର୍ଯ୍ୟାଳୟ ସମ୍ମୁଖରେ କାଡା କମିଟି ତରଫରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଧାରଣା ସ୍ଥଳକୁ ଲକ୍ଷ୍ମୀପୁର ତହସିଲଦାର ଶ୍ରୀ ନୈବେଦ୍ୟ କୁମାର ଭୂଇଁ ଓ ଆଇଆଇସି ଶ୍ରୀମତୀ ସାହୁ ଯାଇ, କମିଟି ପ୍ରତିନିଧିମାନଙ୍କ ସହ ଦାବିଗୁଡିକ ଉପରେ ବିସ୍ତୃତ ଆଲୋଚନା କଲେ। ଦାବିଗୁଡିକ ବିଷୟ ରେ ଆମ ଉପରିସ୍ତ ଅଧିକାରୀଙ୍କୁ ଜଣାଇବୁ ଏଭଳି ପ୍ରତିଶ୍ରୁତି ମିଳିବା ପରେ, କାଡା କମିଟି ର ସଦସ୍ୟମାନେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ସ୍ଥଳରୁ ଓହ୍ଲାଇଗଲେ। ଏହି ଧାରଣା ଅଭିଯାନରେ କାଡା କମିଟି ର ଉପଦେଷ୍ଟା ବିଭୀଷଣ ହଲବା, ସଭାପତି ପରଦା କୁଲେସିକା, ଉପସଭାପତି ମହେଶ୍ୱର ହିକକା, ସମ୍ପାଦକ ପୁରେନ୍ଦ୍ର କୁଲେସିକା, ସହସମ୍ପାଦକ କ୍ଷେତ୍ରବାସୀ ହଲବା, କୋଷାଧ୍ୟକ୍ଷ ସୁବାସ ମାଝି ସହିତ ଜଳନ୍ଧର ହଲବା, ବଂଶୀ କୁଲେସିକା, ଅର୍ଜୁନ ହଲବା, ମୋହନ ହଲବା, ସିଉତା ମାଣ୍ଡିଙ୍ଗା, ସଞ୍ଜୟ ପ୍ରସ୍କା, ଅଜୟ କୁଲେସିକା, କୃଷ୍ଣ ମାଣ୍ଡିଙ୍ଗା, ସୁଦର୍ଶନ ବିଡିକା ଓ ବିଭୀଷଣ ମାଝି ସହ ଶହ ଶହ ଆନ୍ଦୋଳନକାରୀ ଉପସ୍ଥିତ ଥିଲେ।

## ଗୋପିନାଥପୁର ଗ୍ରାମରେ ବାଘ ଆତଙ୍କ ଲୋକେ ଭୟଭୀତ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବନ୍ୟାଞ୍ଚଳ ସାହାରପଡ଼ା ବନପାଳ ଅନ୍ତର୍ଗତ ମାଛଗୋଡ ବିଟ୍ ଗୋପୀନାଥପୁର ଗ୍ରାମରେ ବାଘ ବୁଲୁଥିବା ନେଇ ଲୋକଙ୍କ ଭିତରେ ଭୟର ବାତାବରଣ ଦେଖିବାକୁ ମିଳିଛି। ବାଘର ପାଦ ଚିହ୍ନ ଦେଖି ବାକୁ ମିଳିଛି। ଏନେଇ ବନ ବିଭାଗ ପକ୍ଷ ରୁ ବାଘ ର ଗତିବିଧି ଜାଣିବାକୁ ଜଙ୍ଗଲ ମଧ୍ୟରେ ଟ୍ରାକ କ୍ୟାମେରା ଲଗାଯାଇଛି। ଜଙ୍ଗଲ ଭିତରକୁ ଗ୍ରାମବାସୀ ମାନଙ୍କୁ ନ ଯିବାକୁ ସଚେତନ ସହ ବାରଣ କରାଯାଇଛି। ଏପଟେ ବୁଲୁ ଥିବା ବାଘର ପଡିଥିବା ପାଦ ଚିହ୍ନ କେଉଁ ବାଘ ଜଣାପଡି ନଥିବା ଏସିଫ ସୁଦୀପ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ବୈଦିକ ଗ୍ରାହକ ଚିହ୍ନଟ ପାଇଁ ଗାଁ ସାଥୀ ନେଉଛନ୍ତି ଜବକାର୍ଡ ଧାରୀଙ୍କଠୁ ଟଙ୍କା




ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ ପାଟଣା ପଞ୍ଚାୟତ ର ଗାଁ ସାଥୀ ବୈଦିକ ଗ୍ରାହକ ଚିହ୍ନଟ ପାଇଁ ନେଇ ଛନ୍ତି ଜବକାର୍ଡ ଧାରୀ ଙ୍କ ପାଖ ରୁ ଟଙ୍କା । ଏପରି ଘଟଣା ଘଟିଛି ବଡପାଟଣା ପଞ୍ଚାୟତ ସଅଁରାପଶି ଗ୍ରାମରେ । ସୂଚନା ରୁ ପ୍ରକାଶ ନିକଟରେ ସରକାରୀ ନିୟମ ଅନୁଯାୟୀ ଜବକାର୍ଡ ଧାରୀ ଙ୍କ ବୈଦିକ ଗ୍ରାହକ ଚିହ୍ନଟ ନିର୍ଦ୍ଦେଶ ହୋଇ ଥିବା ବେଳେ ବଡପାଟଣା ପଂଚାୟତ ତରଫ ରୁ ୧୮ଟି ୱାର୍ଡ ର ଗାଁ ସାଥୀ ଙ୍କୁ ଜବକାର୍ଡ ଧାରୀ ଙ୍କ ବୈଦିକ ଗ୍ରାହକ ଚିହ୍ନଟ କରିବାକୁ ଦାୟତ୍ୱ ଦିଆଯାଇ ଥିଲା । ଗାଁ ସାଥୀ ପ୍ରମିଳା ମହାନ୍ତ ଦାୟତ୍ୱ ର ସୁଯୋଗ ନେଇ ଜବକାର୍ଡ ଧାରୀ ଙ୍କ ପାଖ ରୁ ବୈଦିକ ଗ୍ରାହକ ଚିହ୍ନଟ ନିମନ୍ତେ ୫୦ଟଙ୍କା ଲାଗିବ ଯେ ୫୦ଟଙ୍କା ଦେବ ନାହିଁ ତାର ବୈଦିକ ଗ୍ରାହକ ଚିହ୍ନଟ ହୋଇ ପାରିବ ନାହିଁ। ଏନେଇ ସଅଁରାପଶି ଗ୍ରାମ ର ଜବକାର୍ଡ ଧାରୀ ସୂଜୁନୀ ନାଏକ,ଜାନକୀ ନାଏକ,ଫୁଲମଣୀ ନାଏକ,ବିମଳା ନାଏକ,କଇଁନ୍ତା ନାଏକ,ବିଶ୍ୱନାଥ ନାଏକ,ମୁନା ନାଏକ,ଚେମ୍,ଗୋଲାପି ମୁଣ୍ଡା, ରାମ ଚନ୍ଦ୍ର ମୁଣ୍ଡା ଚାଉଳ ବିକ୍ରି କରି ବୈଦିକ ଗ୍ରାହକ ଚିହ୍ନଟ କରି ଗାଁ ସାଥୀ ପ୍ରମିଳା ମହାନ୍ତ ଙ୍କୁ ଦେଇଥିବା ପ୍ରକାଶ କରିଛନ୍ତି। ଏନେଇ ସାଧୁପଡା ଗାଁ ସାଥୀ ଙ୍କୁ ଯୋଗାଯୋଗ କରିବା ଚେଷ୍ଟା କରି ବିଫଳ ହେବାରୁ ବଡ଼ପାଟଣା ସରପଞ୍ଚ ବିନତୀ ବାନରା ଙ୍କୁ ପଚାରି ବାରୁ ଜବକାର୍ଡ ଧାରୀ ଙ୍କ ପାଖ ରୁ ବୈଦିକ ଗ୍ରାହକ ଚିହ୍ନଟ ପାଇଁ କୌଣସି ଟଙ୍କା ନିଆଯିବା ମନା କରି ଛନ୍ତି। ଯଦି ଏପରି ଗାଁ ସାଥୀ ମାନେ ବୈଦିକ ଗ୍ରାହକ ଚିହ୍ନଟ ପାଇଁ ଟଙ୍କା ନେଉ ଥାଆ ନ୍ତି। ତାଙ୍କ ପ୍ରତି ପଂଚାୟତ ପକ୍ଷ ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରକାଶ କରିଛନ୍ତି।

## କେରଳରୁ ଫେରିଲା ଦାଦନ ଶ୍ରମିକଙ୍କ ଶବ

ଥୁଆମୂଳ ରାମପୁର, (ମହାଭାରତ) : ଦୁର୍ଗମ ଅଂଚଳ ଥୁଆମୂଳ ରାମପୁର ବ୍ଲକ ରୁ ଅନେକ ଶ୍ରମିକ ଅନ୍ୟ ରାଜ୍ୟ କୁ ଦାଦନ ଖଟିବାକୁ ଯାଇ ଶବ ହେଇ ଫେରୁଛନ୍ତି । ଦାଦନ ସମସ୍ୟା କୁ ରୋକିବାରେ ବିଫଳ ହେଇଚି ଡବଲ ଇଞ୍ଜିନ ସରକାର । ପୁଣି କେରଳ ରୁ ଫେରିଛି ଆଉ ଏକ ଶ୍ରମିକଙ୍କ ମୃତ ଦେହ । ତେବେ ଆଉ ଏକ ଦାଦନ ଶ୍ରମିକ ମୃତ୍ୟୁବରଣ କରିଥିବା ଘଟଣା ଏବେ ସମ୍ମାନକୁ ଆସିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର କାଣିଗୁମା ଗ୍ରାମପଞ୍ଚାୟତରୁ। ସୂଚନା ଅନୁସାରେ ଗତ ୧୫ ଦିନ ତଳେ କାଣିଗୁମା ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଜବାଙ୍ଗ ଗ୍ରାମର ଜନୈକ ବ୍ୟକ୍ତି ଶୁକୃ ମାଝୀଙ୍କ ପୁଅ ଉଦୟ ମାଝୀ (୩୬) ଗାଁରେ କାମଧନ୍ଧା ଅଭାବରୁ ଝିଅର ଉଚ୍ଛ ଶିକ୍ଷା ପାଇଁ କେରଳ ରାଜ୍ୟର କୋଝିକୋଡେ ଜିଲା ଏଲାଥୁର ଥାନା ଅନ୍ତର୍ଗତ କାକ୍କୁର ଗ୍ରାମଠାରେ ଏକ ଠିକ ସଂସ୍ଥାଙ୍କ ପାଖରେ କାମ କରିବାକୁ ଯାଇଥିଲେ । ହେଲେ ଗତ ୧ ତାରିଖରେ ସେଠାରେ କାମ କରୁଥିବା ସମୟରେ ଘର ସୁରକ୍ଷା ପାଚେରୀ କାନ୍ଥ ଭୁଷୁଡି ତାଙ୍କ ଉପରେ ପଡିବାରୁ କାନ୍ଥ ତଳେ ଚାପି ହୋଇ ଗୁରୁତର ହୋଇ ଥିଲେ। ପରେ ସ୍ଥାନୀୟ କିଛି ସାମ୍ବାଦିକ ଓ ପୋଲିସ ପ୍ରଶାସନ ମିଳିତ ଉଦ୍ୟମରେ ସେଠାରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ହେଲେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ତେବେ ଘଟଣା ଘଟି ୨ଦିନ ପରେ ସ୍ଥାନୀୟ ପୋଲିସ ଏବଂ ମେଡିକାଲର ସହଯୋଗରେ ଆମ୍ବୁଲାନ୍ସ ଯୋଗେ ସୋମବାର ସକାଳେ ଭିଟାମାଟିକୁ ମୃତଦେହ ପହଞ୍ଚିଥିବା ବେଳେ ଘଟଣାକୁ ନେଇ ପରିବାର ତଥା ଗାଁରେ ଶୋକର ଛାୟା ଖେଳିଯାଇଛି।

## ଶ୍ରୀ ଶ୍ରୀ ତ୍ରିନାଥ ଠାକୁରଙ୍କ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୂଆଗାଁ (ନୂଆଗାଁ ) : ନୂଆଗାଁ ବ୍ଲକ ଅନ୍ତର୍ଗତ ଜାକେଡ଼ା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଲୁଣି ଏବଂ ଦଶପଲ୍ଲା ବ୍ଲକ ତେଣ୍ଡାବାଡି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଦୁଗୁଡ଼ି ଆଦି ଉଭୟ ଗ୍ରାମଙ୍କ ମିଳିତ ସହଯୋଗରେ ରବିବାର ଶ୍ରୀ ଶ୍ରୀ ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମରେ ଯୋଗଦେବାର ରହିଥିଲା କିନ୍ତୁ ଚଳିତ ମାସ ୧୧ ତାରିଖରେ ନୂଆପଡ଼ା ଉପ ନିର୍ବାଚନ ଥିବାରୁ ଅନୁପସ୍ଥିତ ରହିବେ ବୋଲି ପ୍ରକାଶ କରିଥିଲେ। ବିଧାୟକ ଶ୍ରୀ ବେହେରା ଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ସମାଜସେବୀ ଶଙ୍କର୍ଷଣ ବେହେରା, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଙ୍କ ପ୍ରତିନିଧି ବୁଲୁ ମଳିକ,ସମିତି ସଭ୍ୟା ପ୍ରଭାତୀ ମଳିକ, ନାଏବ ସରପଞ୍ଚ ପ୍ରହଲ୍ଲାଦ ମଳିକ, କୋରଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋଲଖ ବିହାରୀ ଗୋଛାୟତ, ନୂଆଗାଁ ଗ୍ରାମ ପଞ୍ଚାୟତ ବିଜେଡ଼ି ସଭାପତି ପ୍ରକାଶ କୁମାର ନାୟକ,ସ୍ଥାନୀୟ ଯୁବ ସାମ୍ବାଦିକ ଦିଲ୍ଲୀପ କୁମାର ଜାନି, କୋରଡ଼ା ମାଳ ୩୦ଖଣ୍ଡ ମୌଜାର ସଭାପତି ନରସିଂହ ଜାନି, ସମ୍ପାଦକ ଅଇଁଠା ମଳିକ ପ୍ରମୁଖ ଯୋଗଦେଇ ତ୍ରିନାଥ ଠାକୁରଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ତ୍ରିନାଥ ଠାକୁରଙ୍କ ପୀଠସ୍ଥଳୀ ଉନ୍ନତି କରଣ କରିବା ଓ ବିଦ୍ୟୁତ ସଂଯୋଗୀ କରଣ କିପରି ହୋଇପାରିବ ସେ ନେଇ ଶଙ୍କର୍ଷଣ ବେହେରାଙ୍କ ସହିତ ସ୍ଥାନୀୟ ଲୋକମାନେ ଆଲୋଚନା କରିଥିଲେ ।ଏନେଇ ଉପରିସ୍ଥ ବିଭାଗ ଅଧିକାରୀ ଙ୍କ ସହ ଆଲୋଚନା କରିବେ ବୋଲି ନୂଆଗାଁ ବ୍ଲକ ଅଧ୍ୟକ୍ଷା ଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା କହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲେ ।ଏହି କାର୍ଯ୍ୟକ୍ରମ ପ୍ରକାଶ କୁମାର ମଳିକ ସମେତ ଉଭୟ ଗ୍ରାମବାସୀବୃନ୍ଦ ଙ୍କ ମିଳିତ ସହଯୋଗ ହୋଇଥିଲା।

## ଅମାନୁଷିକତାର ସବୁ ସୀମା ଟପିଲେ ବସ୍ ଚାଳକ

କେନ୍ଦୁଝର, (ମହାଭାରତ): ବର୍ବରତା ଏବଂ ଅମାନୁଷିକତାର ସବୁ ସୀମା ଟପିଲେ। ପ୍ରଥମେ ଗାଡ଼ି ଚଢ଼ାଇ ଜୀବନ ନେଲେ, ପରେ ଗାଡ଼ି ପଛରେ ମୃତ କୁକୁରକୁ ବାନ୍ଧି ଘୋଷାଡ଼ିଲେ। ଏଭଳି ବର୍ବର ଏବଂ ଅମାନୁଷିକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ କାଦକଳା ଗାଁରେକ୍ଷ ଆଜି କାଦକଳାରୁ କେନ୍ଦୁଝର ଯାଉଥିବା ଶୁଭମ୍ ନାମକ ଏକ ଘରୋଇ ବସ୍ ଚକା ତଳେ ଏକ କୁକୁର ମଡ଼ାଇ ଦେଇଥିଲା ବସ୍ ର ଡ୍ରାଇଭର୍। ଦୁଃଖର ବିଷୟ ଏହି ଯେ, ଏହି କୁକୁରର ମୃତ୍ୟୁ ପରେ ୪ ରୁ ୫ଟି ଛୁଆ ମାଛେଉଣ୍ଡ ହୋଇଗଲେ। ଗାଡ଼ି ଚକା ତଳେ କୁକୁରର ଜୀବନ ଚାଲିଗଲା ପରେ, ବର୍ବରତାର ସୀମା ଟପିଲେ ବସ୍ କର୍ମଚାରୀ। ମୃତ କୁକୁରକୁ ବସ୍ ପଛ ପଟେ ବାନ୍ଧି ଘୋଷାଡ଼ିଲେ, ଯାହାର ଦୃଶ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଏଭଳି ଦୃଶ୍ୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମନରେ ଗଭୀର ଦୁଃଖ ଆଣି ଦେଇଛି।

## ଠାକୁରମୁଣ୍ଡା ବ୍ଲକ ରେ ୩ ଟି ନୂଆ ଗ୍ରାମପଞ୍ଚାୟତ ନିମନ୍ତେ ପ୍ରସ୍ତାବ

କରଞ୍ଜିଆ, (ମହାଭାରତ): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ରେ ଆଉ ୩ ଟି ନୂତନ ଗ୍ରାମ ପଞ୍ଚାୟତ ଗଠନ କରାଯିବାକୁ ପ୍ରସ୍ତାବ ଦିଆଯାଇଛି । ତାଲିକା ରେ ରୁଗୁଡିବେଡା ,ପତ୍ରପୋଡା, ମିଟୁଆଣି ଗ୍ରାମପଞ୍ଚାୟତ ର ନାମ ରହିଛି। ଠାକୁରମୁଣ୍ଡା ବ୍ଲକ ରେ ପୂର୍ବରୁ ୧୮ ଗୋଟି ଗ୍ରାମପଞ୍ଚାୟତ ରହିଥିବା ବେଳେ ଏବେ ପ୍ରସ୍ତାବିତ ୩ ଟି ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟକାରୀ ହେଲେ ବ୍ଲକ ରେ ମୋଟ ୨୧ ଗୋଟି ଗ୍ରାମପଞ୍ଚାୟତ ହେବ ।ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ କୁ ବିଭାଜନ କରାଯାଇ ନୂତନ ଭାବରେ ରୁଗୁଡିବେଡା ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ପ୍ରସ୍ତାବ ଯାଇଛି ।ପ୍ରସ୍ତାବିତ ରୁଗୁଡିବେଡା ଗ୍ରାମ ପଞ୍ଚାୟତ ଅଧୀନରେ ରୁଗୁଡିବେଡା ଗ୍ରାମ ସମେତ ନିପାଣିଆ, ବସନ୍ତପୁର, ଚମକପୁର, ଖେଜୁରିଆ, ବେତଝରୀ , ପଣସଡ଼ିହା କୁ ମିଶାଇ ୮ ଗୋଟି ଗ୍ରାମକୁ ଏଥିରେ ସାମିଲ କରାଯାଇଛି। ଚମ୍ପାଝର ଗ୍ରାମପଞ୍ଚାୟତ କୁ ବିଭାଜନ କରାଯାଇ ନୂତନ ଭାବରେ ପ୍ରସ୍ତାବିତ ପତ୍ରପୋଡା ଗ୍ରାମପଞ୍ଚାୟତ ଅଧିନ ରେ ପତ୍ରପୋଡ଼ା ଗ୍ରାମପଞ୍ଚାୟତ ଅଧୀନରେ ପତ୍ରପୋଡ଼ା, ଦିଲଗଞ୍ଜି,ଭେଜଡିହା, ଜଡ଼ିପଡା,କୁକୁନ୍ଦ, ଡଙ୍ଗାଡ଼ିହା ଆଦି ୬ ଟି ଗ୍ରାମକୁ ସାମିଲ କରାଯାଇଛି ।କେଶଡ଼ିହା ଗ୍ରାମପଞ୍ଚାୟତ କୁ ବିଭାଜନ କରାଯାଇ ନୂତନ ଭାବରେ ମିଟୁଆଣି ଗ୍ରାମପଞ୍ଚାୟତ ଗଠନ ପ୍ରସ୍ତାବ ରହିଛି। ଏଥିରେ ମିଟୁଆଣି ଓ ବଡବାଲିପୋଷି ଏହି ୨ ଟି ଗ୍ରାମକୁ ନେଇ ମିଟୁଆଣି ଗ୍ରାମପଞ୍ଚାୟତ ନିମନ୍ତେ ପ୍ରସ୍ତାବ ରହିଛି ।ଏଥି ସହିତ ପୂର୍ବରୁ ଥିବା ଚମ୍ପାଝର ଗ୍ରାମପଞ୍ଚାୟତ ଅଧୀନକୁ ସୀମାନ୍ତ ଜରକ ଗ୍ରାମପଞ୍ଚାୟତ ର ମୂଳାପାଳ ଏବଂ କେଶଡ଼ିହା ଗ୍ରାମପଞ୍ଚାୟତ ଅଧିନ ରେ ଥିବା ଚାନ୍ଦିଖମଣ ଗ୍ରାମ ଦୁଇଟିକୁ ଚମ୍ପାଝର ଗ୍ରାମପଞ୍ଚାୟତ ରେ ସାମିଲ କରାଯାଇଛି।

## କେନ୍ଦୁଝରରେ ଚାଷୀଙ୍କ ଉପରେ ପଡିଛି ଚକଡା ଚଡ଼କ

କେନ୍ଦୁଝର, (ମହାଭାରତ) : କେନ୍ଦୁଝରରେ ଚାଷୀଙ୍କ ଉପରେ ପଡିଛି ଚକଡା ଚଡ଼କ । ଋଣ ଓ ଧାର ଉଧାର କରି କରିଥିବା ଚାଷ ଏବେ ଚକଡ଼ା ମାଡ ରେ ସଂପୂର୍ଣ୍ଣ ଉଜୁଡି ଯିବାକୁ ବସିଛି । ଏବେ ଋଣ ଓ ଧାର ଉଧାର କିପରି ସୁଝିବ ଓ ବର୍ଷ ସାରା ପରିବାର ମୁହଁରେ କେମିତି ଦୁଇ ମୁଠା ଆହାର ଦେବ ଏବେ ସେହି ଚିନ୍ତାରେ ପଡିଛନ୍ତି ଜିଲାର ଶହ ଶହ ଚାଷୀ ଓ କଥାରେ ଅଛି ଚାଷ ଅଛି ଯାହାର କି ଆନନ୍ଦ ତାହାର । ହେଲେ ଆଜି କେନ୍ଦୁଝରରେ ଏହାର ପରିଭାଷା ବଦଳି ଯାଇଛି ଓ ଚାଷ ଅଛି ଯାହାର ସବୁ ଦୁଃଖ ତାହାର ହୋଇଯାଇଛି ଓ କେନ୍ଦୁଝର ସଦର ବ୍ଲକର ମାଇଦାନକେଲ ଗ୍ରାମ ପଞ୍ଚାୟତରେ ଦେଖିବାକୁ ମିଳିଛି ଚାଷୀଙ୍କ ଉପରେ କିପରି ପଡିଛି ଚକଡା ଚଡକ । ଚାଷୀ ଟିଏ ଚାଷ କରି ବେଶ ଦୁଇ ପଇସା ରୋଜଗାର କରି ପରିବାର ମୁହଁ ରେ ବର୍ଷ ସାରା ଦୁଇ ଓଳି ଦୁଇ ମୁଠା ଆହାର ଦେବା ସହ ବେସ ହସ ଖୁସିରେ ଚଳିବାକୁ ବ୍ୟାଙ୍କ , ଲ୍ୟାମ୍ପସ୍ ଓ ମହାଜନ ଠାରୁ ଲକ୍ଷ ଲକ୍ଷ ଟଙ୍କା ଲୋନ ଓ ଧାର କରଜ କରି ଚାଷ କରିଥିଲା । ଚାଷୀଙ୍କ ଅଭିଯୋଗ ଅନୁସାରେ ଏ ବର୍ଷ କେନ୍ଦୁଝର ଜିଲାରେ ଲଗାଣ ବର୍ଷା ଓ ତାପରେ ହାତୀ ଓ ବାରହା ଙ୍କ କବଳରୁ ଫସଲକୁ ରକ୍ଷା କରିବାକୁ ଚାଷିଟି ନିଜ ଜୀବନକୁ ବାଜି ଲଗାଇ ରାତି ଦିନ ଅନିଦ୍ରା ହୋଇ ଯାହା କିଛି ଫସଲ ବଞ୍ଚାଇ ଥିଲା ଏବେ ସେଥିରେ ଚକଡା ପୋକ ଲାଗିଯିବାରୁ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯିବାକୁ ବସିଛି । ଏହି ଚକଡ଼ା ସବୁ ପୁଳା ପୁଳା ହୋଇ ଧାନ ଗଛ ମୂଳରେ ଲାଗି କେଣ୍ଡା ସବୁ ଖାଇ ଯିବା ଫଳରେ ଗଛ ସବୁ ସୁଖିଯିବା ସହ ଚକଡା ଚକଡା ହୋଇ ପୋଡିଯିବା ସହ ମରିଯାଇ ତଳେ ପଡିଯାଉଛି ଏବଂ ଧାନ ସବୁ ଅଗାଡ଼ି ହୋଇ ଯାଉଛି । ଏହି ଚକଡା ପୋକ ଅତି ଦ୍ରୁତ ଗତିରେ ବିଲ କୁ ବିଲ ମାଡିଯାଇ ଧାନ ଚାଷ ଉଜାଡି ପକାଉଛନ୍ତି । ବର୍ତ୍ତମାନ ଧାନ ପାଚି ଆସୁଥିବାରୁ ସେଥିରେ ଔଷଧ ପ୍ରୟୋଗ କରାଯାଇ ପାରିବନ ନାହିଁ । ତେଣୁ ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତା ରେ ପଡିଛି । ଏପରିକି ଧାନ କାଟିଲେ ମଧ୍ୟ ମଜୁରୀ ପଇସା ଉଠିବା ମୁସ୍କିଲ । କୃଷି ଅଧିକର୍ଷଙ୍କଙ୍କ କହିବା କଥା ହେଲା ଏ ବର୍ଷ ଯେ ହେତୁ ଅଧିକ ବର୍ଷା ହୋଇଛି ।

## ବିଦ୍ୟାଳୟକୁ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ



କେନ୍ଦୁଝର, (ମହାଭାରତ) : କେନ୍ଦୁଝର ସଦର ମହକୁମା ଠାରୁ ମାତ୍ର ୩ ରୁ ୪ କିଲୋମିଟର ଦୂରରେ ଥିବା ରାଇସୁଆଁ ପଂଚାୟତ ର ବାଲିଆଗୋଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷ୍ୟାଦାନ ପୁରା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ରେ କାର୍ଯ୍ୟରତ ଶିକ୍ଷୟତ୍ରୀ ମାନେ ଶିକ୍ଷ୍ୟା ଦାନ ବଦଳରେ ମୋବାଇଲ ଫୋନ ଧରି ବସିରହିବା ଓ ଶିକ୍ଷ୍ୟାଦାନ କୁ ଗୁରୁତ୍ୱ ନଦେବାକୁ ବିରୋଧ କରି ଆଜି ଏହି ବିଦ୍ୟାଳୟ ରେ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ଓ ଗ୍ରାମବାସୀ ମିଶି ବିଦ୍ୟାଳୟ ରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ର ଛାତ୍ରୀ ଓ ଅଭିଭାବକ । କେନ୍ଦୁଝର ଜିଲ୍ଲା ସଦର ବ୍ଲକ ର ବାଲିଆଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ମାନଙ୍କ ଶିକ୍ଷାଦାନରେ ଆସନ୍ତୁଷ୍ଟ ହୋଇ ଗେଟରେ ତାଲା ପକାଇ ଧାରଣାରେ ବସିଲେ ଅଭିଭାବକ ଓ ଛାତ୍ର ଛାତ୍ରୀ । ଅଭିଯୋଗ ମୁତାବକ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭୫ ଜଣ ଛାତ୍ର ଛାତ୍ରୀ ଥିବାବେଳେ ଶିକ୍ଷା ଦାନ ପାଇଁ ୪ ଜଣ ଶିକ୍ଷୟତ୍ରୀ ଅଛନ୍ତି । ଅଧିକାଂଶ ସମୟରେ ଶିକ୍ଷୟତ୍ରୀ ମାନେ ବିଦ୍ୟାଳୟକୁ ସଠିକ ସମୟରେ ଆସୁନାହାନ୍ତି , କ୍ଲାସ ନ କରି ମୋବାଇଲ ଦେଖୁଛନ୍ତି ଗପସପ କରୁଛନ୍ତି । ପାଠ ପଢା ପ୍ରତି ଗୁରୁତ୍ୱ ଦେଉନଥିବାରୁ ଶିକ୍ଷାଦାନ ବିଲକୁଲ ହୋଇପାରୁନି ।ଯଦି କେହି ପଚାରିଲେ ତେବେ ତାଙ୍କୁ ନାଲି ଆଖି ଦେଖାଇ ଆଇନ କାନୁନ ର ଧମକ ଦିଆଯାଉଛି ।ଏହା ପୂର୍ବରୁ କଳ୍ପନା ସାହୁ ଶିକ୍ଷୟତ୍ରୀ ଥିବା ସମୟରେ ସେ ବିଦ୍ୟାଳୟକୁ ଗୁରୁତ୍ୱ ଦେବା ସହିତ ପଢା ବି ହେଉଥିଲା। ସେ ଡେପୁଟେଶନରେ ଗଲା ପରେ ବିଦ୍ୟାଳୟରେ ଅନେକ ଅନ୍ୟମିତତା ଚରମ ସୀମାରେ ପହଁଚିଛି ବୋଲି ଅଭିଭାବମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆଜି ଧାରଣାରେ ବସିଛନ୍ତି । ଏହାସହ ଏହି ଶିକ୍ଷୟତ୍ରୀ ମାନଙ୍କୁ ଏଠାରୁ ଅନ୍ୟତ୍ର ପଠାଇ ଏଠାରେ ନୂତନ ଶିକ୍ଷକ ନିଯୁକ୍ତି ପାଇ ଦାବୀ କରିଛନ୍ତି। ଏବାବଦରେ ଗତ ୨୮. ୧୦. ୨୦୨୫ ରେ ବିଦ୍ୟାଳୟ ଚେୟାରମ୍ୟାନ ଭରତ କୁମାର ନାଏକ,ଜିଲ୍ଲା ପରିଷଦ ସଦଶ୍ୟ ରଥ ମୁଣ୍ଡା, ସୁଷମା ବେହେରା,ମଞ୍ଜୁଲତା ଜେନା ଓ ଅନ୍ୟ ଗ୍ରାମବାସୀ ମାନେ ଏହି ବିଦ୍ୟାଳୟ ରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀ ମାନଙ୍କୁ ଅନ୍ୟସ୍ଥାନକୁ ବଦଳି କରି ତାଙ୍କ ସ୍ଥାନ ରେ ନୂତନ ଶିକ୍ଷକ ବା ଶିକ୍ଷୟତ୍ରୀ ନିଯୁକ୍ତି ପାଇଁ ଦାବି କରିଥିଲେ ।କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନ ନେବାରୁ ଆଜି ଅଭିଭାବକ ଓ ଗ୍ରାମବାସୀ ଏହି ଚରମ ନିଷ୍ପତି ନେଇଥିବା ପ୍ରକାଶ କରିଛନ୍ତି। ଅନ୍ୟ ପଟେ ସହକାରୀ ଶିକ୍ଷୟତ୍ରୀ ଅଭିଯୋଗ କୁ ଅସ୍ୱୀକାର କରିବା ସହ ଡେପୁଟେସନ ରେ ଯାଇଥିବା ଶିକ୍ଷୟତ୍ରୀ ଙ୍କୁ ଫେରାଇ ଆଣିବାକୁ ଗାଁ ଲୋକେ ଦାବୀ କରିଥିବା କହିଛନ୍ତି।

## ଡାଲ୍ ରାଇସ୍

ସାମଗ୍ରୀ: ଚାଉଳ, ହରଡ଼ ଡାଲି, ହଳଦୀ ଗୁଣ୍ଡ, ସୋରିଷ, ମୁଗ ଡାଲି, ମେଥି, ପିଆଜ, ବିଲାତି, ଅଦା ଓ ରସୁଣ ପେଷ୍ଟ, ତେନ୍ତୁଳି ରସ, ତେଲ, ଘିଅ, ଲୁଣ ସ୍ୱାଦନୁସାରେ, ଭୃର୍ସୁଙ୍ଗ ପତ୍ର, ଧନିଆ ପତ୍ର

ଗ୍ରାଇଣ୍ଡିଙ୍ଗ୍ ପାଇଁ- ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ, ନଡ଼ିଆ କୋରା।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ ଓ ନଡ଼ିଆ। କୋରା ଭଲଭାବରେ ଗ୍ରାଇଣ୍ଡିଙ୍ଗ୍ କରିନିଅନ୍ତୁ। ଚାଉଳ, ଡାଲି ଓ ମେଥିକୁ ଭଲଭାବରେ ଅଲଗା ଅଲଗା କରି ପାଣି ରେ ୧ ଘଂଟା ଯାଏ ଭିଜେଇ ରଖନ୍ତୁ। ପ୍ରେସରକୁକରରେ ୨ କପ୍ ପାଣି ନେଇ ହଳଦୀ ଗୁଣ୍ଡ, ଡାଲି ଓ ମେଥିକୁ ଗୋଟିଏ ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ। ଏହାପରେ ୩ କପ୍ ପାଣି ଦେଇ ଚାଉଳ ଡାଳି ଦୁଇଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ। ପରେ ତେନ୍ତୁଳି ରସ, ଲୁଣ ଓ ଗ୍ରାଇଣ୍ଡିଙ୍ଗ୍ ହୋଇଥିବା ପେଷ୍ଟ ପକାଇ ୪ଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ। ଏକ ପ୍ୟାନରେ ଘିଅ ଗରମ କରି କଟା ପିଆଜ, ବିଲାତି ଓ ଅଦା-ରସୁଣ ପେଷ୍ଟ ଭଲ ଭାବରେ ଭାଜନ୍ତୁ। ଆଉ ଏକ ପ୍ୟାନରେ ତେଲ ଗରମ କରି ସୋରିଷ, ଭୃର୍ସୁଙ୍ଗ ପତ୍ର ଓ ମୁଗ ଡାଲିକୁ ଭଲ ଭାବରେ ଭାଜନ୍ତୁ। ପରେ ସମସ୍ତ ଭଜା ହୋଇଥିବା ସାମଗ୍ରୀକୁ ନେଇ ଭଲ ଭାବରେ ରନ୍ଧା ହୋଇଥିବା ଚାଉଳ ଓ ଡାଲି ରେ ମିଶାଇ ଦିଅନ୍ତୁ। ପରେ ଏକ ପାତ୍ରକୁ କାଢି ଧନିଆ ପତ୍ର ସଜାଇ ଗରମା ଗରମ ପରସନ୍ତୁ।



ପର୍ଯ୍ୟଟନ

## ଗଡ଼ଚଣ୍ଡୀ ପୀଠ



ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ପ୍ରକୃତି ରାଣୀର ଅନେକ ଅପୂର୍ବ ସୃଷ୍ଟି ଏଠାରେ ଦେଖିବାକୁ ମିଳେ। ଯେଉଁଥିପାଇଁ ରାଜ୍ୟ ତଥା ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଛୁଟିଆସନ୍ତି ଏଠାକୁ , ଆଉ ଉପଭୋଗ କରନ୍ତି ପରିବେଶରେ ଅପରୂପ ସୁନ୍ଦରତାକୁ । ଏହି ସବୁ ଭିତରେ ରାଜ୍ୟରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି ଯେଉଁଠାରେ ସବୁଜ ପରିବେଶ ଭରପୂର ମାତ୍ରାରେ ଭରି ହୋଇରହିଛି। ତା ସାଙ୍ଗକୁ କୂଳୁ କୂଳୁ ଝରଣାର ଶବ୍ଦ ମନକୁ ପ୍ରଫୁଲ୍ଲିତ କରୁଛି।

ଏମିତି ଏକ ସ୍ଥାନ ରହିଛି କେନ୍ଦୁଝର ଜିଲ୍ଲାରେ। ଜିଲ୍ଲାର ଆନନ୍ଦପୁର ସଦର ମହକୁମା ଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ପସିଦ୍ଧ ଗଡ଼ଚଣ୍ଡୀ ମନ୍ଦିର।

ବଉଳା ପାହାଡ଼ ପାଦଦେଶରେ ସୁନାଘାଇ ଝରଣାର କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶରେ ଅବସ୍ଥିତ ଏହି ମନ୍ଦିର। ଏହି ମନ୍ଦିରରେ ଅଷ୍ଟଭୂଜା ଦେବୀ ଦୁର୍ଗା। ମୂର୍ତ୍ତି, ମା ଗଡ଼ଚଣ୍ଡୀ ରୂପେ ପୂଜା ପାଇ ଆସୁଛନ୍ତି। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ପୀଠକୁ ନିଜେ ନଦେଖାଇଲେ ବିଶ୍ୱାସ କରିହେବ ନାହିଁ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଗଡ଼ଚଣ୍ଡୀ ପୀଠ କାହିଁ କେଉଁ ଆବହମାନ କାଳରୁ ଏହି ପାହାଡ଼ ର ପ୍ରତିଷ୍ଠିତ ହୋଇଛି। ଏହି ପୀଠରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଛଡ଼ା କାର୍ତ୍ତିକ, ଗଣେଶ ଶିବଲିଙ୍ଗ, ବୌଦ୍ଧ ଓ ଜୈନ ମୂର୍ତ୍ତିମାନ ଦେଖିବାକୁ ମିଳିଥାଏ। ପୂର୍ବରୁ ଏହି ଅଂଚଳରୁ ଅନେକ ଜୈନ ଓ ବୌଦ୍ଧ ମୂର୍ତ୍ତି ଉଦ୍ଧାର ହୋଇ ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି। ତେଣୁ ଅନୁମାନ କରାଯାଏ ଏଠାରେ ଏକ ପୁରାତନ ସଭ୍ୟତା ଥିଲା।

## ହେଙ୍ଗୁର ଉପକାରିତା

ହେଙ୍ଗୁ କେବଳ ଖାଇବା ସ୍ୱାଦ ବଢାଇନଥାଏ ବରଂ ଆପଣଙ୍କୁ ସୁସ୍ଥ ମଧ୍ୟ ରଖିଥାଏ । ଗ୍ୟାସରୁ ଆରମ୍ଭ କରି ଅପଚ ଓ ପେଟ ସମସ୍ୟା ପାଇଁ ଅତ୍ୟନ୍ତ ଲାଭକାରୀ ହୋଇଥାଏ । ହେଙ୍ଗୁରେ ଔଷଧୀୟ ଗୁଣ ଆଣ୍ଟି-ଭାଇରଲ, ଆଣ୍ଟି-ବ୍ୟାକ୍ଟେରିୟଲ,ଆଣ୍ଟି-ଇନ୍ଫ୍ଲେମେଟ୍ରି ଆଦି ଗୁଣ ଥିବାରୁ ଏହା ଉଚ୍ଚ ରକ୍ତଚାପ ଏବଂ ଡ଼ାଇବେଟିସକୁ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ପୌଷ୍ଟିକ ତତ୍ତ୍ୱ ଶରୀରରୁ ରୋଗ ଦୂର କରିବାରେ ସାହାର୍ଯ୍ୟ କରିଥାଏ । ତେବେ ହେଙ୍ଗୁ ଖାଇବାର ଅନ୍ୟ ଫାଇଦା ସମ୍ପର୍କରେ ।

ହେଙ୍ଗୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରିତ ରଖିବା ସହ ଶରୀରରେ ସଠିକ ରୂପେ ରକ୍ତ ସଂଚାଳନ କରିଥାଏ। ଡ଼ାଇବେଟିସ ବ୍ୟକ୍ତି ମାନଙ୍କ ପାଇଁ ହେଙ୍ଗୁ ଅତ୍ୟନ୍ତ ଲାଭକାରୀ ହୋଇଥାଏ । ହେଙ୍ଗୁ ଡ଼ାଇବେଟିସ ବ୍ୟକ୍ତି ମାନଙ୍କ ବ୍ଲଡ଼ ସୁଗାରକୁ ନିୟନ୍ତ୍ରିତ ରଖିଥାଏ । ହେଙ୍ଗୁରେ ଆଣ୍ଟି-ଇନ୍ଫ୍ଲେମେଟ୍ରି ଏବଂ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଥାଏ । ଏହି କାରଣରୁ ହେଙ୍ଗୁ ମସ୍ତିଷ୍କ ସମ୍ପର୍କୀୟ ସମସ୍ୟା ଦୂର କରିବାରେ ସାହାର୍ଯ୍ୟ କରିଥାଏ। ଯଦି ଆପଣଙ୍କ ମୁଣ୍ଡରେ ଯନ୍ତ୍ରଣା ଅନୁଭବ ହୋଇଥାଏ ତେବେ ଆପଣ ଏକ ଗ୍ଲାସ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ଦିନରେ ଦୁଇରୁ ତିନି ଥର ସେବନ କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କୁ ଆରାମ ମିଳିବ ।



## ସୁନ୍ଦରତା ବଜାୟ ରଖିବା ପାଇଁ ସରଳ ଉପାୟ

ଅଳ୍ପ ମହୁ, ଏକ ଚାମଚ ଗ୍ରୀନ ଟି, ଏକ ଚାମଚ କମଳା ଚୋପାର ଗୁଣ୍ଡ, ଗୋଲାପ ଜଳ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାପରେ ଏହାକୁ ମୁହଁରେ ଲଗାଇ କିଛି ସମୟ ରଖନ୍ତୁ। କିଛି ସମୟ ରଖିବା ପରେ ମୁହଁକୁ ମସାଜ କରି ଧୋଇ ଦିଅନ୍ତୁ। ଏହାକୁ ଲଗାଇବା ଦ୍ୱାରା ମୁହଁ ସୁନ୍ଦର, ଉଜ୍ୱଳ, କୋମଳ ହୋଇଥାଏ।

୨ ଚାମଚ ମହୁରେ, ଏକ ଚାମଚ ଗ୍ରୀନ ଟିକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ବେକରେ ଲଗାନ୍ତୁ। ସପ୍ତାହକୁ ଥରେ ଏହାକୁ ଲଗାଇବା ଦ୍ୱାରା ବେକର କଳା ଅଂଶ ସଫା ହୋଇଥାଏ।



ବହୁ ଲୋକଙ୍କର ମୁହଁ ଶୁଷ୍କ ଅଟେ। ଅଳ୍ପ କିଛି ଘିଅକୁ ନେଇ ମୁହଁରେ ଭଲ ଭାବେ ମାଲିସ କରନ୍ତୁ। ଏହା ଦ୍ୱାରା ମୁହଁର ଶୁଷ୍କପଣ ଦୂର ହୋଇଥାଏ। ମୁହଁ ଉଜ୍ୱଳ ଓ କୋମଳ ହୋଇଥାଏ। ତଡ଼କା ହେଉ ଅଥବା ଡ଼ାଲିକୁ ଘିଅରେ ପ୍ରସ୍ତୁତ କରି ଖାଇବା ଦ୍ୱାରା ଅଧିକ ବୟସ ହେଲେ ମଧ କମ ବୟସର ଭଳି ଜଣାପଡ଼ିବେ। ଏଥିରେ ଭିଟାମିନ ଇ ଥିବାରୁ ମୁହଁରେ କୁଞ୍ଚନ ସୃଷ୍ଟି ହୋଇନଥାଏ। ଆଖି ତଳର କଳା ଦାଗ ଦୂର କରିବା ପାଇଁ ସପ୍ତାହକୁ ୩ ରୁ ୪ ଥର ଏକ ବୁନ୍ଦା ଘିଅ ଭଲ ଭାବେ ମାଲିସ କରି ଦିଅନ୍ତୁ। ଏପରି କରିବା ଦ୍ୱାରା କଳାଦାଗ ସଂପୂର୍ଣ୍ଣ ଦୂର ହୋଇଥାଏ। ଓଠର କଳାପଣ ଦୂର କରିବା ପାଇଁ ଓ ଓଠକୁ ନରମ କରିବା ପାଇଁ ନିୟମିତ ଘିଅର ବ୍ୟବହାର କରନ୍ତୁ। ରାତିରେ ଶୋଇବା ସମୟରେ ଘିଅକୁ ଓଠରେ ମାଲିସ କରି ଶୁଅନ୍ତୁ।

## କାଶ ପାଇଁ ଘରୋଇ ଉପଚାର

କାଶ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ସାଧାରଣତଃ ଥଣ୍ଡା ହେଲେ କିମ୍ବା ପେଟ ଗରମ ହେଲେ କାଶ ହୋଇଥାଏ। କିନ୍ତୁ କାଶ ଅଧିକ ଦିନ ଯାଏଁ ରହିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ତେଣୁ କାଶର ଚିକିତ୍ସା କରିବା ନିହାତି ଆବଶ୍ୟକ। କିନ୍ତୁ କାଶ ହେଲେ ଗଳାରେ ନିଶ୍ୱାସ ନେବା ରାସ୍ତା ସଫା ହୋଇଯାଇଥାଏ। କାଶ ହେବାର ଆହୁରି ଅନ୍ୟ କାରଣ ମଧ୍ୟ ଅଛି। ଧୂଳି, ପ୍ରଦୂଷଣ ଆଦି ପାଇଁ ମଧ୍ୟ କାଶ ହୋଇଥାଏ। ତେବେ କାଶ ପାଇଁ ଘରୋଇ ଉପଚାର ସବୁଠାରୁ ଉତ୍ତମ।

୧. ମହୁ – କାଶ ପାଇଁ ସବୁଠାରୁ ଉତ୍ତମ ଘରୋଇ ଉପଚାର ମହୁ। ମହୁରେ ଆଣ୍ଟିଅକ୍ସିଡେଣ୍ଟ ଗୁଣ ରହିଛି ଯାହା ଜୀବାଣୁ ସହ ଲଢ଼ିବାରେ ସହାୟକ ହୋଇଥାଏ। ମହୁ ସେବନ ଦ୍ୱାରା ଗଳାର ଯନ୍ତ୍ରଣା ମଧ୍ୟ ଦୂର ହୋଇଥାଏ। ଏକ ଅଧ୍ୟୟନରୁ ଜଣାପଡିଛି ଯେ ଥଣ୍ଡା-କାଶ ଉପଚାର ପାଇଁ ମହୁ ଔଷଧ ଠାରୁ ମଧ୍ୟ ପ୍ରଭାବଶାଳୀ। ହର୍ବଲ ଚା’ କିମ୍ବା ପାଣିରେ ଦୁଇ ଚାମଚ ମହୁ ମିଶାଇ ଦିନକୁ ଦୁଇଥର ସେବନ କଲେ କାଶ ଭଲ ହୋଇଥାଏ।

୨. ଲୁଣ ପାଣିରେ ଗାର୍ଗିଲିଂ – ଲୁଣ ପାଣିରେ ଗାର୍ଗିଲିଂ କଲେ କାଶ ଓ ଗଳା ଯନ୍ତ୍ରଣାରୁ ଆରାମ ମିଳିଥାଏ। ଏକ କପ ଗରମ ପାଣିରେ ଏକ ଚତୁର୍ଥାଂଶ ଲୁଣ ପକାଇ ଦିନକୁ ୩-୪ ଥର ଗାର୍ଗିଲିଂ କରିବା ଉଚିତ। ଏହା ଟନ୍ସିଲରୁ ମଧ ଆରାମ ଦେଇଥାଏ।



୩. ଅଦା – କାଶ ପାଇଁ ଆଉ ଏକ ପ୍ରଭାବଶାଳୀ ଘରୋଇ ଉପଚାର ହେଲା ଅଦା। ଶୀତ ଦିନରେ ଗୋଲମରିଚ ଓ ଅଦା ପକା ଚା’ ସେବନ କଲେ କାଶ ଭଲ ହୋଇଥାଏ। ଏହି ଚା’ରେ ମହୁ ପକାଇ ମଧ ସେବନ କରିପାରିବେ। କିନ୍ତୁ ଅଧିକ ମାତ୍ରାରେ ଅଦା ଚା’ ସେବନ ଦ୍ୱାରା ପେଟ ଖରାପ ହୋଇପାରେ। ସେଥିପାଇଁ ସୀମିତ ମାତ୍ରାରେ ସେବନ କରିବା ଉଚିତ।

୪. ପିପରମିଣ୍ଟ– କାଶ ଓ ଗଳା ଯନ୍ତ୍ରଣାରେ ପିପରମି ଆରାମ ପ୍ରଦାନ କରିବାରେ ସାହାଯ୍ୟ କରିଥାଏ। ଦିନକୁ ଦୁଇରୁ ତିନିଥର ପିପରମିଣ୍ଟଚା’ ସେବନ କଲେ କାଶ ସମସ୍ୟା ଦୂର ହୋଇଥାଏ। ଅରୋମାଥେରାପି ଭାବେ ମଧ ପିପରମି ବ୍ୟବହାର କରିପାରିବେ। ଶୀତ ଦିନରେ ପିପରମିଣ୍ଟ ବ୍ୟବହାର ଲାଭଦାୟକ।



୫. ନୀଳଗିରି ତେଲ – ନୀଳଗିରି ତେଲ ଦ୍ୱାରା ନିଶ୍ୱାସ ନଳୀ ସଫା ହୋଇଥାଏ। ନଡ଼ିଆ ତେଲ କିମ୍ବା ଅଲିଭ ତେଲ କିଛି ବୁନ୍ଦା ନୀଳଗିରି ତେଲ ମିଶାଇ ଛାତିରେ ମାଲିସ କରନ୍ତୁ। ଗରମ ପାଣିରେ ନୀଳଗିରି ତେଲ ପକାଇ ବାଷ୍ପ ମଧ ନେଇପାରିବେ। ଏହାଦ୍ୱାରା ଆରାମ ମିଳିଥାଏ ଏବଂ ନିଶ୍ୱାସ ନେବାରେ ଆଶ୍ୱସ୍ତି ମିଳିଥାଏ।

## ସ୍ୱାସ୍ଥ୍ୟ ପାଇଁ ହିତକର ପତ୍ରଯୁକ୍ତ ମୂଳା

ଶୀତ ଦିନରେ ମୂଳା ପରଟାର ମଜା ଅଲଗା ପ୍ରକାର। ମୂଳା ପରଟା ଖାଇବାକୁ ଯେତେ ସ୍ୱାଦିଷ୍ଟ ସେତିକି ସ୍ୱାସ୍ଥ୍ୟ ପାଇଁ ମଧ ହିତକର। ମୂଳାରେ ତିଆରି ବ୍ୟଞ୍ଜନ ମଧ ବହୁତ ହିତକର। ଏହାକୁ ସାଲାଡ଼ ଭାବେ କଞ୍ଚା ମଧ ଖିଆଯାଏ। କିଛି ଲୋକ ମୂଳାରେ ଆଚାର ମଧ ପ୍ରସ୍ତୁତ କରିଥାନ୍ତି।





କିନ୍ତୁ କିଛି ଲୋକ ମୂଳା ଖାଇବାକୁ ଆଦୌ ପସନ୍ଦ କରନ୍ତିନି। ଯଦି ଆପଣଙ୍କୁ ବି ମୂଳା ପସନ୍ଦ ନୁହେଁ ତାହେଲେ ମୂଳାର ଫାଇଦା ସମ୍ପର୍କରେ ଜାଣିବା ଅତ୍ୟନ୍ତ ଆବଶ୍ୟକ।

ଦୂର ହୋଇଥାଏ ଲିଭର ସମସ୍ୟା – ଯଦି ଆପଣଙ୍କ ପେଟ ଓଜନ ଲାଗୁଛି ତାହେଲେ ମୂଳା ରସରେ ଲୁଣ ପକାଇ ସେବନ କରନ୍ତୁ, ଆରାମ ମିଳିବ। ଯେଉଁମାନଙ୍କ ଲିଭର ସମ୍ବନ୍ଧୀୟ ସମସ୍ୟା ରହିଛି ସେମାନେ ମୂଳା ନିଶ୍ଚୟ ଖାଇବା ଉଚିତ। ଏହା ଲିଭରକୁ ସୁସ୍ଥ ରଖିଥାଏ।

ଉଚ୍ଚ ରକ୍ତଚାପ ପାଇଁ ଲାଭଦାୟକ– ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ମଧ ମୂଳା ବହୁତ ହିତକର। ଏଣ୍ଟି ହାଇପାରଟେନସିଭ ଗୁଣରେ ଭରପୁର ମୂଳା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ମୂଳାରେ ପର୍ଯ୍ୟାପ୍ତ ପରିମାଣରେ ପୋଟାସିୟମ ମଧ ରହିଛି ଯାହା ଶରୀରରେ ସୋଡିୟମ-ପୋଟାସିୟମ ଅନୁପାତକୁ ବାଲାନ୍ସ କରି ରକ୍ତଚାପ ମେଣ୍ଟେନ କରିଥାଏ।

କିଡନୀକୁ ସୁସ୍ଥ ରଖିଥାଏ – ପୋଷକ ତତ୍ତ୍ୱରେ ଭରପୁର ମୂଳା କିଡନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ସେଥିପାଇଁ ମୂଳାକୁ ପ୍ରାକୃତିକ ପରିଷ୍କାରକ ବୋଲି ମଧ କୁହାଯାଏ। ଏହା ଆମର ଅନ୍ତନଳୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ମୂଳା ବହୁ ମାତ୍ରାରେ ଫାଇବର ଥିବାରୁ କୋଷ୍ଠକାଠିନ୍ୟ ରୋଗୀଙ୍କ ପାଇଁ ରାମବାଣ ଭଳି କାମ କରିଥାଏ।

ଭୋକ ବଢାଇଥାଏ – ଭୋକ ହେଉନଥିବା ସମସ୍ୟା ଥିଲେ ମୂଳା ରସରେ ଅଦା ରସ ମିଶାଇ ସେବନ କରନ୍ତୁ। ଏହାଦ୍ୱାରା ଭୋକ ବଢିବ। ପେଟ ସମ୍ବନ୍ଧୀୟ କୌଣସି ସମସ୍ୟା ଥିଲେ ତାହା ମଧ ଦୂର ହୋଇଥାଏ।

ଜଣ୍ଡିସ୍ ପାଇଁ ଲାଭଦାୟକ – ଜଣ୍ଡିସ୍ ରୋଗୀଙ୍କ ପାଇଁ ମୂଳା ରାମବାଣ ଭଳି କାମ କରିଥାଏ। ଜଣ୍ଡିସ ରୋଗୀ ତାଜା ମୂଳା ଖାଇବା ଉଚିତ। ନିୟମିତ ସକାଳୁ ଗୋଟିଏ କଞ୍ଚା ମୂଳା ଖାଇଲେ ଜଣ୍ଡିସ ରୋଗ ଭଲ ହୋଇ ଯାଇଥାଏ। ମଧୁମେହ ରୋଗୀଙ୍କ ପାଇଁ ମଧ ମୂଳା ଲାଭଦାୟକ। ମୂଳାରେ ଥିବା ପୋଷକ ତତ୍ତ୍ୱ ଇନସୁଲିନକୁ ନିୟନ୍ତ୍ରଣ କରିଥାଏ।

# ଭାରତୀୟ ଟିମ୍ ଉପରେ ଟଙ୍କା ବର୍ଷା କରିବ ବିସିସିଆଇ

ମୁମ୍ବାଇ,୩।୧୧(ଏଜେନ୍ସି): ୫୨ ବର୍ଷର ମହିଳା କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ଯାହା ହୋଇ ନଥିଲା ରବିବାର ରାତିରେ ତାହା ସମ୍ଭବ ହୋଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳ ସର୍ବପ୍ରଥମ ବିଶ୍ୱକପ୍ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇଛି। ଏଥି ସହ ୧୯୮୩ ମସିହାରେ କପିଳ ଦେବଙ୍କ ପୁରୁଷ କ୍ରିକେଟ୍ ଦଳର ଐତିହାସିକ ବିଶ୍ୱକପ୍ ଭଳି ଭାରତୀୟ ମହିଳା ଦଳ ବିଶ୍ୱ ମୁକୁଟ ଜିତି ନୂଆ ଫର୍ଦ ଯୋଡିଛି। ମହିଳା କ୍ରିକେଟ୍‌ରେ ବି ଭାରତ ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଯୁଗର ଶୁଭାରମ୍ଭ ହୋଇଛି। ୨୦୦୫ ଫାଇନାଲ୍‌ରେ ଅଷ୍ଟ୍ରେଲିଆଠାରୁ ଏବଂ ୨୦୧୭ ଫାଇନାଲ୍‌ରେ ଇଂଲଣ୍ଡଠାରୁ ହାରି ରନର୍ସଅପ୍ ହୋଇଥିବା ଭାରତୀୟ ଦଳ ତୃତୀୟ ଥର ଫାଇନାଲ୍ ଖେଳି ପ୍ରଥମ ଥର ବିଶ୍ୱ ବିଜେତା ହୋଇଛି। ନବି ମୁମ୍ବାଇର ଡିୱାଇ ପାଟିଲ୍ ଷ୍ଟାଡିୟମ୍‌ରେ ରବିବାର ରାତିରେ ଭାରତୀୟ ମହିଳା



ଦଳ ରୋମାଞ୍ଚକ ଭାବେ ପ୍ରଥମ ଥର ଫାଇନାଲିଷ୍ଟ୍ ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଏହି ଐତିହାସିକ କ୍ଷଣକୁ ସାଉଁଟି ନେଇଛି।

ଭାରତୀୟ ଟିମ୍‌ର ଏଭଳି ଐତିହାସିକ ବିଜୟ ପରେ ଏବେ ଦଳ ଉପରେ ଟଙ୍କା ବର୍ଷା ହେବା ଆରମ୍ଭ କରିଛି। ଦକ୍ଷିଣ ଆଫ୍ରିକାକୁ ହରାଇବା ପରେ ଟିମ୍‌କୁ ୪୦କୋଟି ମିଳିଥିବା ବେଳେ ଏବେ ବିସିସିଆଇ ଭାରତୀୟ ଟିମ୍ ଉପରେ ଟଙ୍କା ବର୍ଷା କରିବାର ଘୋଷଣା କରିଛି।

ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, 'ସଚିବ ଭାବରେ ବିସିସିଆଇର ଦାୟିତ୍ୱ ନେବା ପରେ ଜୟ ଶାହ ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ମହିଳା କ୍ରିକେଟରେ ଅନେକ ପରିବର୍ତ୍ତନ ଆଣିଛନ୍ତି, ଯେଉଁଥିରେ ଦରମା ସମାନତା ମଧ୍ୟ ଅନ୍ତର୍ଭୁକ୍ତ। ଗତ ମାସରେ, ଆଇସିସି ଅଧ୍ୟକ୍ଷ ଜୟ ଶାହ ମହିଳା ପୁରସ୍କାର ରାଶିକୁ ୩୦୦ ପ୍ରତିଶତ ବୃଦ୍ଧି କରି ଏହାକୁ ୨.୮୮ ନିୟୁତ ଡଲାରରୁ ୧୪ ନିୟୁତ ଡଲାରକୁ ବୃଦ୍ଧି କରିଥିଲେ। ଏହି ପଦକ୍ଷେପଗୁଡ଼ିକ ମହିଳା କ୍ରିକେଟକୁ ପୂର୍ବ ଅପେକ୍ଷା ପ୍ରୋତ୍ସାହିତ କରିଛି। ବିସିସିଆଇ ଖେଳାଳି, ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ସମେତ ସମଗ୍ର ଦଳ ପାଇଁ ୫୧ କୋଟି ଟଙ୍କାର ପୁରସ୍କାର ଘୋଷଣା ମଧ୍ୟ କରିଛି।

## 'ଭଲ ବ୍ୟାଟିଂ କରୁନଥିବାରୁ ଦଳରୁ ବାହାର ହୋଇଥିଲେ, ଏବେ ଦେଶକୁ ବିଶ୍ୱକପ ଦେଲେ ଶେଫାଳି

ଏ ହେଉଛନ୍ତି ସେହି ଶେଫାଳି ବର୍ମା ଯାହାଙ୍କ ବିଷୟରେ ବିଶ୍ୱକପ୍ ସେମିଫାଇନାଲ ପୂର୍ବରୁ ଆଲୋଚନା ମଧ୍ୟ ହେଉନଥିଲା। କାରଣ ସେ ଟିମ୍‌ରେ ହିଁ ସାମିଲ ନଥିଲେ। କିନ୍ତୁ ଶେଷ ମୂହୁର୍ତ୍ତରେ ସେ ଦଳରେ ସାମିଲ ହେବା ସହ ଏବେ ଇତିହାସ ରଚିଛନ୍ତି।

# ବୋହୂ ହେବେ କ୍ରିକେଟର ମନ୍ଧାନା

ନୂଆଦିଲ୍ଲୀ,୩।୧୧ : ଭାରତୀୟ ମହିଳା କ୍ରିକେଟ୍ ଦଳ ୨୦୨୫ ମହିଳା ବିଶ୍ୱକପ୍ ଜିତି ଭାରତ ପାଇଁ ଗର୍ବ ଆଣିଛି। ସମଗ୍ର ଦେଶ ସେମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି। ଏହି ସମୟରେ, ସୋସିଆଲ୍ ମିଡିଆରେ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ନେଇ ଆଲୋଚନା ଜୋର ଧରିଛି। ସୂଚନା ଅନୁସାରେ, ସେ ଖୁବ୍ ଶୀଘ୍ର ତାଙ୍କର ଦୀର୍ଘକାଳୀନ ପ୍ରେମିକ ପଲାଶ ମୁଚ୍ଛଲଙ୍କୁ ବିବାହ କରିବେ। ଦୁହିଁଙ୍କ ବିବାହ ସାଙ୍ଗଲିରେ ହେବ ବୋଲି ଜଣାଯାଇଛି।

ସ୍ମୃତି ମନ୍ଧାନା ଏବଂ ପଲାଶ ମୁଚ୍ଛଲଙ୍କ ମଧ୍ୟରେ ବୟସର ପାର୍ଥକ୍ୟ କେତେ

୨୭ ବର୍ଷୀୟ କ୍ରିକେଟର ସ୍ମୃତି ମନ୍ଧାନା ଏବଂ ୨୯ ବର୍ଷୀୟ ଗାୟକ ପଲାଶ ମୁଚ୍ଛଲ ୨୦୨୪ ମସିହାରେ ଇନଷ୍ଟାଗ୍ରାମ ମାଧ୍ୟମରେ ସେମାନଙ୍କର ସମ୍ପର୍କକୁ ସାର୍ବଜନୀନ କରିଥିଲେ। ସେମାନଙ୍କ ମଧ୍ୟରେ ଦୁଇ ବର୍ଷ ବୟସର ପାର୍ଥକ୍ୟ ଅଛି। ଏହି ପ୍ରେମୀଯୁଗଳ ନଭେମ୍ବର ୨୦ ତାରିଖରେ ବିବାହ କରିବେ । ସ୍ମୃତିଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରର ସାଙ୍ଗଲିରେ ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପଲାଶ ମୁଚ୍ଛଲ ଜଣେ ଭାରତୀୟ ସଙ୍ଗୀତ ନିର୍ଦ୍ଦେଶକ ଏବଂ ଚଳଚ୍ଚିତ୍ର ପ୍ରଯୋଜକ ଯିଏ ଅନେକ ବଲିଉଡ୍ ଗୀତ ରଚନା କରିଛନ୍ତି। ତାଙ୍କ ବଡ଼ ଭଉଣୀ ପଲକ ମୁଚ୍ଛଲ ଜଣେ ଜଣାଶୁଣା ବଲିଉଡ୍ ଗାୟିକା। ସେ ସଲମାନ ଖାନଙ୍କଠାରୁ ଆରମ୍ଭ କରି ହ୍ରିତିକ୍ ରୋଶନ ପର୍ଯ୍ୟନ୍ତ ଅନେକ ବଡ ବଡ ଷ୍ଟାରଙ୍କ ଚଳଚ୍ଚିତ୍ରରେ ଗୀତ ଗାଇଛନ୍ତି। ତେବେ ଭାରତୀୟ ଦଳ ମହିଳା ବିଶ୍ୱକପରେ ଦକ୍ଷିଣ ଆଫ୍ରିକାକୁ ହରାଇ ଟ୍ରଫି ହାସଲ କରିଛି। ଏହି ଖୁସିକୁ ମନାଇବାକୁ ଯାଇ ପଲାଶ ଟ୍ରଫି ସହିତ ଏକ ଫଟୋ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି। ଟ୍ରଫି ପଛରେ ସ୍ମୃତି ଛିଡା ହୋଇଥିବା ଦେଖାଯାଇଛି।




## ଭାରତୀୟ ମହିଳା କ୍ରିକେଟ୍ ଟିମକୁ ଶୁଭେଚ୍ଛା ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୧ : ଭାରତୀୟ ମହିଳା କ୍ରିକେଟ୍ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱପ୍ନରୁ ସାଧନା ପର୍ଯ୍ୟନ୍ତ – ଟିମ୍ ଇଣ୍ଡିଆ ଏବେ ସୁପ୍ରିମୋ ! ଆମ ଚାମ୍ପିଅନମାନଙ୍କୁ ମହିଳା ବିଶ୍ୱକପ ୨୦୨୫ ଜିତିବା ପାଇଁ ଅଭିନନ୍ଦନ। ତୁମେ କେବଳ ଟ୍ରଫି ଉଠାଇ ନାହଁ, ସମଗ୍ର ଜାତିର ଆଶା ଓ ଆତ୍ମବିଶ୍ୱାସକୁ ଉଠାଇଛ।

## ବିଶ୍ୱକପ ଜିତିଥିବା ଭାରତୀୟ ମହିଳା କ୍ରିକେଟ୍ ଟିମକୁ ଶୁଭେଚ୍ଛା ଜଣାଇଲେ ପିଏମ ମୋଦି

ନୂଆଦିଲ୍ଲୀ, ୩।୧୧: ବିଶ୍ୱକପ ଜିତିଥିବା ଭାରତୀୟ ମହିଳା କ୍ରିକେଟ୍ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତିଯେ, ଆଇସିସି ମହିଳା କ୍ରିକେଟ ବିଶ୍ୱକପ ୨୦୨୫ ଫାଇନାଲରେ ଭାରତୀୟ ଦଳର ଅଦ୍ଭୁତ ବିଜୟ। ଫାଇନାଲ ମ୍ୟାଚ୍‌ରେ ସେମାନଙ୍କର ଖେଳ ଅପୂର୍ବ ଦକ୍ଷତା ଓ ଆତ୍ମବିଶ୍ୱାସରେ ଭରିଥିଲା। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଦଳ ଅସାଧାରଣ ଦଳୀୟ ଭାବନା ଓ ଦୃଢ଼ତା ଦେଖାଇଛି। ଆମ ସମସ୍ତ ଖେଳାଳିଙ୍କୁ ଅନେକ ଅଭିନନ୍ଦନ। ଏହି ଐତିହାସିକ ବିଜୟ ଆଗାମୀ ଚାମ୍ପିଅନମାନଙ୍କୁ କ୍ରୀଡ଼ାକୁ ଅନୁପ୍ରେରିତ କରିବ।

## ଝିଅମାନେ ଭାରତକୁ ଗର୍ବିତ କରିଛନ୍ତି : ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଏହି ବିଜୟ ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ! ସେମାନେ ପ୍ରଥମ ଥର ପାଇଁ ଏହାକୁ ଜିତି ଇତିହାସ ସୃଷ୍ଟି କରିଛନ୍ତି ସେମାନେ ଭଲ ଖେଳୁଛନ୍ତି ଏବଂ ଆଜି ସେମାନେ ସେମାନଙ୍କ ପ୍ରତିଭା ଏବଂ ପ୍ରଦର୍ଶନ ସହିତ ଉପଯୁକ୍ତ ଫଳାଫଳ ପାଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ମହିଳା କ୍ରିକେଟକୁ ଆହୁରି ଉଚ୍ଚ ପ୍ରଦର୍ଶନରେ ନେଇଯିବ ଝିଅମାନେ ଭାରତକୁ ଯେଉଁଭଳି ଭାବରେ ଗର୍ବିତ କରିଛନ୍ତି ମୁଁ ତାହାର ପ୍ରଶଂସା କରୁଛି।

# ସେଫାଳିଙ୍କ ଭାଗ୍ୟୋଦୟ

ନୂଆଦିଲ୍ଲୀ,୩।୧୧ : କୁହାଯାଏ ଯେ ସମୟ ପୂର୍ବରୁ କିମ୍ବା ଭାଗ୍ୟରେ ନଥିଲେ କିଛି ହୁଏ ନାହିଁ। ଭାରତୀୟ ମହିଳା ଦଳର ଓପନର ଶେଫାଳି ବର୍ମାଙ୍କ ସହିତ ମଧ୍ୟ ଏପରି କିଛି ଘଟିଛି। ୨୧ ବର୍ଷୀୟା ଶେଫାଳି ବର୍ମା ଭାରତୀୟ କ୍ରିକେଟ ଇତିହାସରେ ନିଜ ନାମ ଲେଖିସାରିଛନ୍ତି। ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ବ୍ୟାଟିଂ ଏବଂ ବୋଲିଂ ଉଭୟରେ ଚମତ୍କାର ପ୍ରଦର୍ଶନ କରି ଶେଫାଳି ଭାରତୀୟ ଦଳର ୫୨ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇଥିଲେ। ଏ ହେଉଛନ୍ତି ସେହି ଶେଫାଳି ବର୍ମା ଯାହାଙ୍କ ବିଷୟରେ ବିଶ୍ୱକପ୍ ସେମିଫାଇନାଲ ପୂର୍ବରୁ ଆଲୋଚନା ମଧ୍ୟ ହେଉନଥିଲା। କାରଣ ସେ ଟିମ୍‌ରେ ହିଁ ସାମିଲ ନଥିଲେ। କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା। ଶେଷ ମୂହୁର୍ତ୍ତରେ ସେ ଦଳରେ ସାମିଲ ହେବା ସହ ଏବେ ଇତିହାସ ରଚିଛନ୍ତି।



ବିଶ୍ୱକପ୍ ଫାଇନାଲ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଶେଫାଳିଙ୍କୁ ପ୍ରତୀକା ରାୱଲଙ୍କ ସ୍ଥାନରେ ଟିମ୍‌ରେ ସାମିଲ କରାଯାଇଥିଲା। ପ୍ରତୀକାଙ୍କ ଗୋଡରେ ଆଘାତ ଲାଗିବା ପରେ ସେ ଟିମ୍‌ରୁ ବାହାର ହୋଇଥିଲେ।ସେମିଫାଇନାଲ ପୂର୍ବରୁ, ପ୍ରତୀକା ଆହତ ହେବାରୁ ଘରୋଇ ଟି୨୦ ସିରିଜ ଖେଳୁଥିବା ଶେଫାଳିଙ୍କୁ ତୁରନ୍ତ ଡକାଯାଇଥିଲା ଏବଂ ସେ ଟିମ୍ ଇଣ୍ଡିଆରେ ଯୋଗ ଦେଇଥିଲେ। ସେମିଫାଇନାଲରେ ଶେଫାଳି ଭଲ ବ୍ୟାଟିଂ କରିନଥିଲେ ବି ଫାଇନାଲରେ ସେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିଲେ।

ଶେଫାଳିଙ୍କ ପାଇଁ ଫେରିବା ସହଜ ନଥିଲା

ଯେତେବେଳେ ଶେଫାଳି ବର୍ମା ଭାରତୀୟ ଦଳ ପାଇଁ ଡେବ୍ୟୁ କରିଥିଲେ, ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ବୀରେନ୍ଦ୍ର ସେହୱାଗଙ୍କ ସହ ତୁଳନା କରାଯାଇଥିଲା। ଆରମ୍ଭରୁ ହିଁ ସେ ନିଜ ବୋଲିଂ ମାଧ୍ୟମରେ ବୋଲରଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିଲେ। କିନ୍ତୁ ଭଲ ବ୍ୟାଟିଂ ନକରିପାରିବାରୁ ତାଙ୍କୁ ଦଳରୁ ବାହାର କରିଦିଆଯାଇଥିଲା। ଲଗାତାର ବିଫଳତା ଯୋଗୁଁ, ୨୦୨୪ରେ ଅଷ୍ଟ୍ରେଲିଆ ଗସ୍ତରୁ ତାଙ୍କୁ ବାଦ ଦିଆଯାଇଥିଲା। ଏହାକୁ ଗ୍ରହଣ କରିବା ଶେଫାଳିଙ୍କ ପାଇଁ ସହଜ ସମୟ ନଥିଲା। କାରଣ ଦଳରୁ ବାଦ ପଡ଼ିବାର ମାତ୍ର ଦୁଇ ଦିନ ପୂର୍ବରୁ ତାଙ୍କ ବାପା ହୃଦଘାତର ଶିକାର ହୋଇଥିଲେ। ଏଥିପାଇଁ ତୁରନ୍ତ ବାପାଙ୍କୁ ଏହା ବିଷୟରେ ନଜଣାଇ ସେ ଗୋଟିଏ ସପ୍ତାହ ପରେ ତାଙ୍କୁ ଏ ଖବର ଦେଇଥିଲେ। ଦଳରୁ ବାଦ ପଡ଼ିବା ଏବଂ ତା'ପରେ ବାପାଙ୍କ ହୃଦଘାତ ଶେଫାଳିଙ୍କୁ ଭାଙ୍ଗି ଦେଇଥିଲା। କିନ୍ତୁ ସେ ହାର ମାନି ନଥିଲେ ଏବଂ ଘରୋଇ କ୍ରିକେଟକୁ ଫେରିବା ପାଇଁ କଠିନ ପରିଶ୍ରମ କରିଥିଲେ। ପରିଶ୍ରମ କରି ସେ କେବଳ ତାଙ୍କର ଫର୍ମକୁ ଫେରି ନଥିଲେ ବରଂ ତାଙ୍କର ଫିଟନେସରେ ମଧ୍ୟ ଉନ୍ନତି ଆଣିଥିଲେ, ଯାହା ବିଶ୍ୱକପ୍ ଫାଇନାଲରେ ସ୍ପଷ୍ଟ ହୋଇଥିଲା।

# ୫୨ ବର୍ଷର ପ୍ରତୀକ୍ଷା ୫୨ ରନ୍‌ରେ ମିଳିଲା

ମୁମ୍ବାଇ,୩।୧୧(ଏଜେନ୍ସି): ୫୨ ବର୍ଷର ମହିଳା କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ଯାହା ହୋଇ ନଥିଲା ରବିବାର ରାତିରେ ତାହା ସମ୍ଭବ ହୋଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳ ସର୍ବପ୍ରଥମ ବିଶ୍ୱକପ୍ ଜିତି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇଛି। ଏଥି ସହ ୧୯୮୩ ମସିହାରେ କପିଳ ଦେବଙ୍କ ପୁରୁଷ କ୍ରିକେଟ୍ ଦଳର ଐତିହାସିକ ବିଶ୍ୱକପ୍ ଭଳି ଭାରତୀୟ ମହିଳା ଦଳ ବିଶ୍ୱ ମୁକୁଟ ଜିତି ନୂଆ ଫର୍ଦ ଯୋଡିଛି। ମହିଳା କ୍ରିକେଟ୍‌ରେ ବି ଭାରତ ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଯୁଗର ଶୁଭାରମ୍ଭ ହୋଇଛି। ୨୦୦୫ ଫାଇନାଲ୍‌ରେ ଅଷ୍ଟ୍ରେଲିଆଠାରୁ ଏବଂ ୨୦୧୭ ଫାଇନାଲ୍‌ରେ ଇଂଲଣ୍ଡଠାରୁ ହାରି ରନର୍ସଅପ୍ ହୋଇଥିବା ଭାରତୀୟ ଦଳ ତୃତୀୟ ଥର ଫାଇନାଲ୍ ଖେଳି ପ୍ରଥମ ଥର ବିଶ୍ୱ ବିଜେତା ହୋଇଛି। ନବି ମୁମ୍ବାଇର ଡିୱାଇ ପାଟିଲ୍ ଷ୍ଟାଡିୟମ୍‌ରେ ରବିବାର ରାତିରେ ଭାରତୀୟ ମହିଳା ଦଳ ରୋମାଞ୍ଚକ ଭାବେ ପ୍ରଥମ ଥର ଫାଇନାଲିଷ୍ଟ୍ ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଏହି ଐତିହାସିକ କ୍ଷଣକୁ ସାଉଁଟି ନେଇଛି। ପୁରୁଷ ଦଳର ୪ ବିଶ୍ୱ ମୁକୁଟକୁ ମିଶାଇଲେ ଏହା ଭାରତର ପଞ୍ଚମ ଆଇସିସି ବିଶ୍ୱକପ୍ ବିଜୟ।

ପୁରୁଷ ଦଳ ୨ ଥର ଲେଖାଏଁ ଦିନିକିଆ ଓ ଟ୍ୱେଣ୍ଟି-୨୦ ଟ୍ରଫି ଜିତିଥିଲେ। ଦକ୍ଷିଣ ଆଫ୍ରିକା ଅଧିନାୟିକା ଲେରା ଓଲଭର୍ଟ (୫୭୧ ରନ୍) ଏବଂ ଭାରତର ଦୀପ୍ତି ଶର୍ମା (୨୨ ୱିକେଟ୍) ଏହି ବିଶ୍ୱକପ୍‌ର ଅଗ୍ରଣୀ ବ୍ୟାଟର୍ ଓ ବୋଲର ସମ୍ମାନ ବି ଲାଭ କରିଛନ୍ତି। ସ୍ମୃତି ମନ୍ଧାନା (୫୮ ବଲ୍‌ରୁ ୪୫ ରନ୍) ଓ ଶେଫାଳି ବର୍ମା (୭୮ ବଲ୍‌ରୁ ୮୭ ରନ୍)ଙ୍କ ଶତକୀୟ ଭାଗୀଦାର (୧୦୪ ରନ୍) ପରେ ଭାରତ



୨୯୮ ରନ୍ କରିଥିଲା। ଦୀପ୍ତି ଶର୍ମାଙ୍କ ବଲ୍ ପିଛା ରନ୍‌ରୁ ସଂଗୃହୀତ ଅର୍ଦ୍ଧଶତକ (୫୮ ବଲ୍‌ରୁ ୫୮ ରନ୍) ଓ ରିଚା ଘୋଷଙ୍କ ମିନି ବିସ୍ଫୋରଣ (୨୪ ବଲ୍‌ରୁ ୩୪ ରନ୍) ଭାରତକୁ ଲୁଆ ସ୍କୋର୍ ପ୍ରଦାନ କରିଥିଲା। ସମ୍ଭାବ୍ୟ ୩୦୦ ରନ୍ ଅତିକ୍ରମ କରିପାରି ନଥିଲେ ମଧ୍ୟ ଫାଇନାଲ୍ ମ୍ୟାଚ୍ ଚାପରେ ଦକ୍ଷିଣ ଆଫ୍ରିକା ଚାପି ହୋଇଯାଇଥିଲା। ଅଧିନାୟକ ୱଲ୍‌ଭର୍ଟ (୯୮ ବଲ୍‌ରୁ ୧୦୧ ରନ୍) ୪୨ତମ ଓଭର ପର୍ଯ୍ୟନ୍ତ ଲି କ୍ରମାଗତ ଶତକ ମାରିଥିଲେ, ହେଲେ ଏହା ଯଥେଷ୍ଟ ହୋଇ ନଥିଲା। ଆନେରି ଡର୍କସେନ୍ (୩୫ ରନ୍)ଙ୍କ ଛଡା ଅନ୍ୟ କେଣସି ଦକ୍ଷିଣ ଆଫ୍ରିକା ବ୍ୟାଟର୍ ଭାରତୀୟ ବୋଲିଂ ଆଗରେ ତିଷ୍ଠି ନଥିଲେ। ଦକ୍ଷିଣ ଆଫ୍ରିକା ପାଳି ୪୫.୩ ଓଭରରେ ୨୪୬ ରନ୍‌ରେ ଶେଷ ହୋଇଯାଇଥିଲା। ଦାୟିତ୍ୱପୂର୍ଣ୍ଣ ଅର୍ଦ୍ଧଶତକ ପରେ ଭେଟେରାନ୍ ଅଲ୍‌ରାଉଣ୍ଡର୍ ଦୀପ୍ତିଙ୍କ ୫ ୱିକେଟ୍ ଦଖଲ କରିବା ନିର୍ଣ୍ଣାୟକ ହୋଇଥିଲା।

ଦୀପ୍ତିଙ୍କ ଭଳି ଶେଫାଳି ବର୍ମାଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ (୮୭ ଓ ୨/୩୬) ବି ଭାରତର ଅର୍ଦ୍ଧଶତାବ୍ଦୀର ସ୍ୱପ୍ନକୁ ସାକାର କରାଇଛି। ଲିଗ୍ ପର୍ଯ୍ୟାୟରେ ଭାରତକୁ ହରାଇଥିବା ଡି'କ୍ଲର୍କଙ୍କ କ୍ୟାଚ୍ ନେଇ ଅଧିନାୟିକା ହର୍ମନପ୍ରୀତ୍ କୌର୍ ମଧ୍ୟ ଏହି ସ୍ମରଣୀୟ ଆଇସିସି ଟ୍ରଫି ବିଜୟକୁ ଅଧିକ ମଧୁରମୟ କରି ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ଫାଇନାଲ୍ ଖେଳିଥିବା ଦକ୍ଷିଣ ଆଫ୍ରିକାର ସ୍ୱପ୍ନ ଅଧୁରା ରହିଯାଇଛି। ଶେଫାଳି ଫାଇନାଲ୍‌ର ଏବଂ ଦୀପ୍ତି (୨୧୫ ରନ୍, ୨୨ ୱିକେଟ୍) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ବିଜୟ ସହ ୧୪୫ କୋଟି ଭାରତୀୟ ଆନନ୍ଦଉଲ୍ଲାସରେ ନାଚି ଉଠିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବହୁ ପୂର୍ବତନ ଖେଳାଳି ଓ ଖେଳ ପ୍ରଶାସକ ବିଶ୍ୱକପ୍ ବିଜୟ ପାଇଁ ଭାରତୀୟ ମହିଳା ଦଳକୁ ବଧାଇ ଜଣାଇଛନ୍ତି।

# କାନ୍ଦିଲେ ରୋହିତ

ନବି ମୁମ୍ବାଇ,୩।୧୧ : ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଭାରତ ପ୍ରଥମ ଥର ବିଜେତା ହୋଇ ଐତିହାସିକ ସଫଳତା ପାଇଛି। ଏହି ଐତିହାସିକ ସଫଳତା ପରେ ଷ୍ଟାଡିୟମରେ ଉପସ୍ଥିତ ଥିବା ପ୍ରତିଟି



ଭାରତୀୟଙ୍କ ଆଖିରେ ଖୁସିର ଲୁହ ଦେଖିବାକୁ ମିଳିଥିଲା। ଏହି ସମୟରେ ଭାରତୀୟ ଦଳକୁ ସମର୍ଥନ କରିବାକୁ ପହଞ୍ଚିଥିବା ଷ୍ଟାର କ୍ରିକେଟର ରୋହିତ ଶର୍ମାଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଯେତେବେଳେ ହରମନପ୍ରୀତ କୌର୍ ଶେଷ୍ କ୍ୟାଚ୍ ଧରିଥିଲେ, ଏହି ଦୃଶ୍ୟ ଦେଖି ରୋହିତ ଖୁସିରେ ଭାବବିହ୍ୱଳ ହୋଇଯାଇଥିଲେ ।ତାଙ୍କ ଆଖିରେ ସେହି ଖୁସିର ଲୁହ ଷ୍ଟାଡିୟମ୍ କ୍ୟାମେରାରେ କଏଦ ହୋଇଥିଲା, ଯାହା ଏବେ ଭାଇରାଲ ହୋଇଛି।

# ଏସିଆନ ୟୁଥ ଗେମ୍‌ରେ ଭାରତକୁ ରେକର୍ଡ ପଦକ




ଭୁବନେଶ୍ୱର,୩।୧୧ : ତୃତୀୟ ଏସିଆନ ୟୁଥ ଗେମ୍ସ ୨୦୨୫ରେ ଇତିହାସ ରଚିଛି ଭାରତ । ୪୮ ପଦକ ଜିତି ରେକର୍ଡ କରିଛି ଟିମ୍ ଇଣ୍ଡିଆ । ମେଡାଲ ତାଲିକାରେ ୬ ନମ୍ବର ସ୍ଥାନରେ ରହିଛି । ଭାରତୀୟ ଆଥଲେଟ୍‌ଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଭାରତ ଜିତିଥିବା ମୋଟ ୪୮ ପଦକରୁ ୧୩ ସ୍ୱର୍ଣ୍ଣ, ୧୮ ରୌପ୍ୟ ଏବଂ ୧୭ କାଂସ୍ୟ ରହିଛି ।

ସୋସିଆଲ ମିଡିଆ ଏକ୍ସରେ ଭାରତକୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଲେଖିଛନ୍ତି, ତୃତୀୟ ଏସୀୟ ଯୁବ କ୍ରୀଡା ୨୦୨୫ରେ ଉଲ୍ଲେଖନୀୟ ଏବଂ ଐତିହାସିକ ପ୍ରଦର୍ଶନ ପାଇଁ ଆମ ଯୁବ ଖେଳାଳିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଭାରତ ୧୩ ସ୍ୱର୍ଣ୍ଣ, ୧୮ ରୌପ୍ୟ ଏବଂ ୧୭ କାଂସ୍ୟ ସମେତ ମୋଟ ୪୮ ପଦକ ହାସଲ କରି ସର୍ବୋତ୍ତମ ପଦକ ତାଲିକା ହାସଲ କରିଛି । ଅସାଧାରଣ ସଫଳତା ଆମର ପ୍ରତିଭାବାନ ଯୁବପିଢ଼ିଙ୍କ ଅଟଳ ପ୍ରତିବଦ୍ଧତା, ଶୃଙ୍ଖଳା ଏବଂ ଉତ୍କର୍ଷତାକୁ ପ୍ରତିଫଳିତ କରୁଛି । ଖେଳାଳି, ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଉଛି । ସେମାନଙ୍କର ନିରନ୍ତର ସଫଳତା ଏବଂ ଭବିଷ୍ୟତ ପ୍ରୟାସ ପାଇଁ ମୋର ଶୁଭକାମନା ଜଣାଉଛି ।'' ଭାରତର ପ୍ରଭାବଶାଳୀ ପଦକ ତାଲିକା ଏହି ଇଭେଣ୍ଟରେ ପୂର୍ବ ରେକର୍ଡ ଭାଙ୍ଗି ନାହିଁ ବରଂ ୨୦୨୬ ଯୁବ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛି । ୨୨୨ ଜଣ ଆଥଲେଟ (୧୧୯ମହିଳା ଏବଂ ୧୦୩ ପୁରୁଷ) ସହିତ, ଭାରତର ଯୁବ ଦଳ କବାଡି, ବକ୍ସିଂ, କୁସ୍ତି, ଆଥଲେଟିକ୍ସ, ଭାରୋତ୍ତୋଳନ ଏବଂ ଅନ୍ୟାନ୍ୟ ବର୍ଗରେ ଏକ ଶକ୍ତି ଭାବରେ ଉଭା ହୋଇଥିଲା ।

# କ୍ଷମା ମାଗିଲେ ହରମନପ୍ରୀତ

ନଭି ମୁମ୍ବାଇ,୩।୧୧ : ଭାରତୀୟ ମହିଳା ଦଳର ବିଶ୍ୱକପ ଜିତିବାର ସ୍ୱପ୍ନ ଶେଷରେ ନଭି ମୁମ୍ବାଇର ଡିଇ ପାଟିଲ ଷ୍ଟାଡିୟମରେ ସାକାର ହୋଇଛି ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିବା ପରେ, ଭାରତୀୟ ଦଳର ଖେଳାଳିମାନେ ସେଲିବ୍ରେଶନ କରିଥିଲେ ଏହି ସେଲିବ୍ରେଶନରେ ପୂର୍ବତନ ଭାରତୀୟ ମହିଳା ଖେଳାଳିମାନଙ୍କୁ ମଧ୍ୟ ସାମିଲ କରିଥିଲେ ଅଧିନାୟକ ହରମନପ୍ରୀତ କୌର ଏହି କିମ୍ବଦନ୍ତୀ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରି କହିଥିଲେ, ଦିଦି ଏହା ତୁମ ପାଇଁ ଥିଲା ଭାରତୀୟ ଅଧିନାୟକ କାହାକୁ କ୍ଷମା ମଧ୍ୟ ମାଗିଥିଲେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅଧ୍ୟକ୍ଷ ଜୟ ଶାହାଙ୍କଠାରୁ ଟ୍ରଫି ଗ୍ରହଣ କରିବା ପରେ, ଅଧିନାୟକ ହରମନପ୍ରୀତ କୌର ପ୍ରଥମେ ତାଙ୍କ ସାଥୀ ଖେଳାଳିମାନଙ୍କ ସହିତ ସେଲିବ୍ରେଶନ କରିଥିଲେ ଏହି ସମୟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି,ଯେଉଁଥିରେ ଭାରତୀୟ ଅଧିନାୟକ ଏବଂ ଦଳର ଖେଳାଳିମାନେ ପୂର୍ବତନ ଭାରତୀୟ ଖେଳାଳି ଅଞ୍ଜୁମ ଚୋପ୍ରା, ମିତାଲି ରାଜ ଏବଂ ଝୁଲଣ ଗୋସ୍ୱାମୀଙ୍କୁ ବିଶ୍ୱକପ ଟ୍ରଫି ପ୍ରଦାନ କରୁଥିବା ଦେଖାଯାଉଛି ଏହା କିମ୍ବଦନ୍ତୀ ଖେଳାଳିମାନଙ୍କୁ ଭାବପ୍ରବଣ କରିଦେଇଥିଲା।

ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା, ଯେତେବେଳେ ସମସ୍ତ ଖେଳାଳିମାନେ ଏହି କିମ୍ବଦନ୍ତୀମାନଙ୍କୁ ଆଲିଙ୍ଗନ କରିଥିଲେ ହରମନପ୍ରୀତ କୌର କହିଥିଲେ, ଦିଦି, ଏହା ତୁମ ପାଇଁ ଥିଲା ଏହି ସମୟରେ ହରମନପ୍ରୀତ କୌର ଏବଂ ସ୍ମୃତି ମନ୍ଧାନା ଝୁଲନ ଗୋସ୍ୱାମୀଙ୍କୁ କହିଥିଲେ, ଗତ ଥର ତୁମ ପାଇଁ ବିଶ୍ୱକପ ଜିତି ନ ପାରିବାରୁ ମୁଁ କ୍ଷମା ପ୍ରାର୍ଥନା କରୁଛି ଏହି ସମୟରେ ସମସ୍ତ ଖେଳାଳି ବହୁତ ଭାବପ୍ରବଣ ଥିଲେ ଝୁଲନ ଗୋସ୍ୱାମୀ ସୋସିଆଲ ମିଡିଆରେ ତାଙ୍କର ଭାବନା ପ୍ରକାଶ କରିଥିଲେ। ଭାରତୀୟ ମହିଳା ଦଳ ଚାମ୍ପିୟନ ହେବା ପରେ, ଦଳର ପୂର୍ବତନ ଅଭିଜ୍ଞ ଝୁଲନ ଗୋସ୍ୱାମୀ ବହୁତ ଭାବପ୍ରବଣ ହୋଇଯାଇଥିଲେ ସେ ସୋସିଆଲ ମିଡିଆରେ ଲେଖିଥିଲେ, ଏହା ମୋର ସ୍ୱପ୍ନ ଥିଲା ଏବଂ ତୁମେମାନେ ଏହାକୁ ସାକାର କରିଦେଲ ଶେଫାଳି ବର୍ମାଙ୍କ ୭୦ ରନ ଏବଂ ଦୁଇଟି ବଡ଼ ଉଇକେଟ, ଦୀପ୍ତି ଶର୍ମାଙ୍କ ଅର୍ଦ୍ଧଶତକ ଏବଂ ପାଞ୍ଚ ଉଇକେଟ ଉଭୟ ଆଶ୍ଚର୍ଯ୍ୟଜନକ ଟ୍ରଫି ଏବେ ଆମର।

# ଭାରତଠାରୁ ଶିଖିବା ପାଇଁ ନିଜ ଦଳକୁ ପରାମର୍ଶ ଦେଲେ ପାକ୍ କ୍ରିକେଟର

ନୂଆଦିଲ୍ଲୀ: ଗତକାଲି ରାତିରେ, ଭାରତର ମହିଳା କ୍ରିକେଟ୍ ଦଳ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ୫୨ ବର୍ଷର ମହିଳା କ୍ରିକେଟ୍ ବିଶ୍ୱକପ୍ ଇତିହାସରେ ଯାହା ହୋଇ ନଥିଲା। ତାହା କରି ଦେଖାଇଥିଲା ବ୍ୟାଟିଂ ପରେ ଦକ୍ଷିଣ ଆଫ୍ରିକାକୁ ୨୯୯ରନର ଲକ୍ଷ୍ୟ ଦେଇଥିଲା ଭାରତ ହେଲେ ୪୫.୩ ଓଭରରେ ୨୪୬ ରନ କରି ଦକ୍ଷିଣ ଆଫ୍ରିକା ଅଲଆଉଟ୍ ହୋଇଯାଇଥିଲା ଭାରତୀୟ ମହିଳା ଦଳ ରୋମାଞ୍ଚକ ଭାବେ ପ୍ରଥମ ଥର ଫାଇନାଲିଷ୍ଟ୍ ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ବିଶ୍ୱକପ୍ ହାତେଇ ନେଇଥିଲା ଏହି ଐତିହାସିକ ସଫଳତା ପରେ ଏବେ ଭାରତୀୟ ଟିମ୍ ପାଖକୁ ଅଭିନନ୍ଦନର ସୁଅ ଛୁଟୁଛି ଦେଶର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି କ୍ରୀଡ଼ା ଜଗତର ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ, ସମସ୍ତେ ମହିଳା ଦଳକୁ ପ୍ରଶଂସା କରିବାରେ ଲାଗିପଡ଼ିଛନ୍ତି ଏହି ଧାରାରେ ଏବେ ସାମିଲ ହୋଇଛି ଶତ୍ରୁ ଦେଶ ପାକିସ୍ତାନ ସେଠାକାର କିମ୍ବଦନ୍ତୀ ପୂର୍ବତନ କ୍ରିକେଟରମାନେ ଟିମ୍ ଇଣ୍ଡିଆକୁ ପ୍ରଶଂସା କରିବା ସହ ନିଜ ଦେଶର ଦଳକୁ ଶିଖିବାକୁ ପରାମର୍ଶ ଦେଇଛନ୍ତି।



ପୂର୍ବତନ ପାକିସ୍ତାନ ଅଧିନାୟକ ସିମ ଅକ୍ରମ ଭାରତୀୟ ମହିଳା ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି, ସେମାନେ ଖେଳରେ ସମ୍ପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ବ୍ୟାଟିଂ ହେଉ, ବୋଲିଂ ହେଉ, କିମ୍ବା ଫିଲ୍ଡିଂ ହେଉ, ସେମାନେ ତିନୋଟି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ଏହି ଟୁର୍ଣ୍ଣାମେଣ୍ଟଟି ଟିମ୍ ଇଣ୍ଡିଆ। ବନାମ ବିଶ୍ୱର ଅନ୍ୟ ଦଳ ଥିଲା।

ବିଶ୍ୱର ଦ୍ରୁତତମ ବୋଲର ଶୋଏବ ଅଖତର କହିଛନ୍ତି ଯେ, ମୁଁ ଭାବୁଛି ଭାରତର ବିଜୟ କୌଣସି ସଂଯୋଗ ନୁହେଁ। ସେମାନଙ୍କର କ୍ରିକେଟ୍ ବ୍ୟବସ୍ଥା ଦେଖନ୍ତୁ।ସେମାନେ ଏମିତି ସହଜରେ ସଫଳ ହୋଇନାହାନ୍ତି। ଏହା ସେମାନଙ୍କର ବର୍ତ୍ତମାନର ପରିସ୍ଥିତିକୁ ପ୍ରତିଫଳିତ କରୁଛି। ଭାରତକୁ ଅଭିନନ୍ଦନ। ତୁମେ ବହୁତ ଭଲ ଖେଳିଲ ସେମାନଙ୍କର ପରିବର୍ତ୍ତନ ଦେଖନ୍ତୁ, ସେମାନଙ୍କର ଅଧିନାୟକଙ୍କ ଉଦ୍ଦେଶ୍ୟ ଦେଖନ୍ତୁ, ସେମାନଙ୍କର ଖେଳ ଶୈଳୀ ଦେଖନ୍ତୁ।

ସେ ଆହୁରି କହିଛନ୍ତି ଯେ, ଏକ ସମୟ ଥିଲା ଯେତେବେଳେ ପାକିସ୍ତାନ ଏପରି ଖେଳୁଥିଲା, କିନ୍ତୁ ଏବେ ଭାରତ ଖେଳୁଛି। ବେଳେ ବେଳେ ଏଭଳି ଏକ ସମୟ ଆସେ... ଯେଉଁ ଦେଶଗୁଡ଼ିକ ତଳକୁ ଖସନ୍ତି, ସେମାନେ ହିଁ ଉପରକୁ ଉଠନ୍ତି। କିନ୍ତୁ ଏପରି ନହେଉ; ଯେମିତି ୱେଷ୍ଟଇଣ୍ଡିଜ୍ ଶେଷ ହୋଇଗଲା। ସେମିତି ପାକିସ୍ତାନ କ୍ରିକେଟ ମଧ୍ୟ ଶେଷ ହୋଇଯାଉ। ଆମ ସହିତ ହକି ଏବଂ ସ୍କ୍ୱାସ୍‌ରେ ଏଭଳି ଘଟିସାରିଛି।କ୍ରିକେଟରେ ମଧ୍ୟ ଆମ ସହ ଏଭଳି ନହେଉ ଆମକୁ ଏହା ବିଷୟରେ ଚିନ୍ତା କରିବା ଏବଂ ଭାରତଠାରୁ ଶିଖିବା ଆବଶ୍ୟକ। ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି; ସେମାନେ ବହୁତ ଭଲ ଖେଳିଛନ୍ତି।

ପାକିସ୍ତାନର ପୂର୍ବତନ କ୍ରିକେଟର ରମିଜ୍ ରାଜା କହିଛନ୍ତି ଯେ, ଏହି ଦିନଟି ଭାରତର, ଏବଂ ଏହି ଟୁର୍ଣ୍ଣାମେଣ୍ଟ ମଧ୍ୟ ଭାରତର ଆମକୁ ସେମାନଙ୍କଠାରୁ ଶିଖିବାକୁ ପଡିବ। ଏହା ଏକ ଲମ୍ବା ପ୍ରକ୍ରିୟା ।କିନ୍ତୁ ଏହା କରାଯାଇପାରିବ। କାରଣ ପାକିସ୍ତାନ ଦକ୍ଷତା ଦୃଷ୍ଟିରୁ ବହୁତ ପଛରେ ନାହିଁ, କିନ୍ତୁ ଖେଳର କାର୍ଯ୍ୟାନ୍ୱୟନ ଏବଂ ବୁଝାମଣା ଭାରତଠାରୁ ଶିଖିବାକୁ ପଡିବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ